


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୮୬ ● ୫ ଅଗଷ୍ଟ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-186 ● 5th August 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ରାଷ୍ଟ୍ରପତିଙ୍କ ସ୍ୱାଗତରେ ଝଲସି ଉଠିଲା ଗଞ୍ଜାମର ସମୃଦ୍ଧ ଲୋକକଳା

# ମା' କନ୍ଧୁଣୀ ଦେବୀ ମନ୍ଦିରରେ ଭକ୍ତିଭାବର ସହ କଲେ ପୂଜାର୍ଚ୍ଚନା

ବ୍ରହ୍ମପୁର, ୪ ।୮

ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଗସ୍ତ ଅବସରରେ ମଙ୍ଗଳବାର ପବିତ୍ର ତପ୍ତପାଣି ରଙ୍ଗ, ରାଗ, ତାଳ ଓ ପରମ୍ପରାର ଏକ ଅପୂର୍ବ ସମାଗମର ସାକ୍ଷୀ ପାଲଟିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକକଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା, ଆଦିମ ବାଦ୍ୟଯନ୍ତ୍ର ଏବଂ ମନୋମୁଗ୍ଧକର ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣ କରି ଗଞ୍ଜାମର ସମୃଦ୍ଧ ସାଂସ୍କୃତିକ ବୈଭବକୁ ଦେଶର ପ୍ରଥମ ନାଗରିକଙ୍କ ସମ୍ମୁଖରେ ଗୌରବର ସହ ଉପସ୍ଥାପନା କରିଥିଲେ।

ଖେମୁଣ୍ଡିଖୋଲାର 'ନୀଳମାଧବ ଗ୍ରୁପ୍' ଟମକ ଓ ଚାଙ୍ଗୁର ମଧୁର ତାଳରେ ପାରମ୍ପରିକ ଗ୍ରାମୀଣ ଲୋକନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ସେହିପରି ସୁବର୍ଣ୍ଣଗଡ଼ର 'ମା' ଦଣ୍ଡକାଳୀ ଗ୍ରୁପ୍' ପ୍ରାଚୀନ ସୌରା (ଶବର) ଜନଜାତିର ପାରମ୍ପରିକ ନୃତ୍ୟ ପରିବେଷଣ କରି ଆଦିବାସୀ ସଂସ୍କୃତିର ଅନନ୍ୟ ବୈଭବକୁ ଜୀବନ୍ତ କରିଥିଲେ।

ଗଞ୍ଜାମର କନ୍ଧ ଆଦିବାସୀ ପରମ୍ପରାର ସ୍ୱକୀୟତାକୁ ଉଜାଗର କରି 'ସଂରଚନା ଗ୍ରୁପ୍'ର କଳାକାରମାନେ ଚାଙ୍ଗୁ, ନିଶାନ, ବଂଶୀ, ଗିନି, ଝାଞ୍ଜ, ଘଣ୍ଟ, ମହିଷୀ ଶିଙ୍ଗା



ଓ ତୁରୀ ଭଳି ବିଭିନ୍ନ ପାରମ୍ପରିକ ବାଦ୍ୟର ଲୟ ଓ ତାଳରେ ଆକର୍ଷଣୀୟ 'ସାଦ୍ରା ନୃତ୍ୟ' ପରିବେଷଣ କରି ପରିବେଶକୁ ପ୍ରାଣବନ୍ତ କରିଥିଲେ।

ଅନ୍ୟପକ୍ଷରେ କଟପଲ୍ଲୀର 'ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ଦଳ' ମୃଦଙ୍ଗ, ହାରମୋନିଅମ୍ ଓ ମଧୁର କୀର୍ତ୍ତନରେ ସମଗ୍ର ପରିବେଶକୁ ଭକ୍ତିରସରେ ଭରି ଦେଇଥିଲେ। ଜିସଗଡ଼ାବସାର 'ତୁଳସୀ ଗ୍ରୁପ୍' କାମାକା, ଝାଞ୍ଜ, ମହୁରୀ ଓ ତୁରୀର ସୁମଧୁର ଧ୍ୱନୀରେ ସୌରା ଜନଜାତିର ଲୋକନୃତ୍ୟ ପରିବେଷଣ କରିଥିବା ବେଳେ ପୋଡ଼ାମାଡ଼ି ଗ୍ରାମର 'ତ୍ରିନାଥ ଠାକୁର କଳିଙ୍ଗ ପୁଅ ଦଳ' ଘଣ୍ଟ ଓ ମୃଦଙ୍ଗର ଗମ୍ଭୀର ନିନାଦ ସହ ବୀରତ୍ୱପୂର୍ଣ୍ଣ ପାରମ୍ପରିକ ନୃତ୍ୟ ପରିବେଷଣ କରି ସ୍ୱାଗତ ପରିବେଶକୁ ଆହୁରି ଭବ୍ୟ ଓ ପ୍ରାଣବନ୍ତ କରିଥିଲେ।

ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇଉଠିଥିଲା। ଗଞ୍ଜାମର ଲୋକକଳା, ଆଦିବାସୀ ପରମ୍ପରା ଓ ସାଂସ୍କୃତିକ ଐଶ୍ୱର୍ଯ୍ୟର ଏଭଳି ଜୀବନ୍ତ ଉପସ୍ଥାପନା ରାଷ୍ଟ୍ରପତିଙ୍କ ସମ୍ମୁଖରେ କରିବାର ସୁଯୋଗ ସମଗ୍ର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଥିଲା। ସ୍ଥାନୀୟ କଳାକାର, ସଂଗଠକ ଏବଂ କଳାପ୍ରେମୀମାନେ ମତ ପ୍ରକାଶ କରିଛନ୍ତି ଯେ, ଏହି *(ପୃଷ୍ଠା ୭ରେ)*

## ଓଡ୍ରାଫ୍ ହେବ ଏସ୍‌ଡିଆରଏଫ୍

# ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଓ ଭିତ୍ତିଭୂମି

ଭୁବନେଶ୍ୱର, ୪ ।୮

ନ୍ୟୁଜ୍ ବ୍ୟୁରୋ

ଓଡ୍ରାଫକୁ ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସଡିଆରଏଫ୍) ଭାବେ ଉନ୍ନୀତ କରାଯିବ ଏବଂ ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିୟନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ। ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଅନୁଷ୍ଠିତ *(ପୃଷ୍ଠା ୭ରେ)*





## ରିଲିଫ ଓ କ୍ଷୟକ୍ଷତି ପ୍ରଦାନ କରିବାରେ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୪ ।୮ : ନ୍ୟୁଜ୍ ବ୍ୟୁରୋ

ବନ୍ୟା ପରବର୍ତ୍ତୀ ସ୍ଥିତିକୁ ନେଇ ମଙ୍ଗଳବାର ସଚିବସ୍ତରୀୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କୁ ରିଲିଫ ଓ କ୍ଷୟକ୍ଷତି ପ୍ରଦାନ କରିବାରେ ପ୍ରାଥମିକତା ଦେବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ହୋଇଥିବା ଆଲୋଚନା ଅନୁସାରେ କିପରି ଜଣେ ବି ଯୋଗ୍ୟ ବ୍ୟକ୍ତି ରିଲିଫ୍ ଓ ଥଇଥାନ ସେବାରୁ ବଞ୍ଚିତ ନ *(ପୃଷ୍ଠା ୭ରେ)*

## ଟ୍ରମ୍ପଙ୍କ ଶୁଳ୍କ ବିରୋଧରେ ଏକାଠି ହେଲେ ୨୫ ରାଜ୍ୟ

ୱାଶିଂଟନ, ୪ ।୮

ଆମେରିକାର ୨୫ଟି ଡେମୋକ୍ରାଟିକ୍-ଶାସିତ ରାଜ୍ୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ରାଜ୍ୟଗୁଡ଼ିକ ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟରେ ଟ୍ରମ୍ପ ପ୍ରଶାସନ ବିରୁଦ୍ଧରେ ଏକ ମାମଲା ଦାୟର କରିଛନ୍ତି।ଆମେରିକା ସମୟ ଅନୁଯାୟୀ ଦାୟର କରାଯାଇଥିବା ଏକ ମାମଲା ରେ ନ୍ୟୁୟର୍କ ଆଟର୍ଣ୍ଣି ଜେନେରାଲ ଲେଟିଟିଆ ଜେମ୍ସ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ପରିବାର ଏବଂ ବ୍ୟବସାୟ ଉପରେ ବେଆଇନ ଭାବରେ ଟିକସ ବୃଦ୍ଧି କରୁଛି। ଟ୍ରମ୍ପ ଯୁକ୍ତି ଦେଇଛନ୍ତି ଯେ ଉକ୍ତ ଶୁଳ୍କ ଆମେରିକୀୟ ଉତ୍ପାଦନକୁ ପୁନର୍ଜୀବିତ କରିବ। ସେ ୧୯୭୭ ର ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ (ଆଇଇଇପିଏ)କୁ ଉଦ୍ଧୃତ କରିଥିଲେ। ସେ ବାଣିଜ୍ୟ ନିଅଣ୍ଟକୁ ଏକ ଜାତୀୟ ଜରୁରୀକାଳୀନ ବୋଲି କହି ପ୍ରାୟ ପ୍ରତ୍ୟେକ ଦେଶରୁ ଆମଦାନୀ ଉପରେ ଶୁଳ୍କ ଲାଗୁ କରିଥିଲେ। ଏକ ରିପୋର୍ଟ ଅନୁଯାୟୀ, ଏହି *(ପୃଷ୍ଠା ୭ରେ)*

## ସିଏମ୍ଓରୁ ଫାଇଲ ହଜିବା ମାମଲା

## ଖୁବ୍‌ଶୀଘ୍ର ଏକାଧିକ ବ୍ୟକ୍ତିଙ୍କୁ କରାଯିବ ଜେରା : କ୍ରାଇମ୍‌ବ୍ରାଞ୍ଚ ଡିଜି

ଭୁବନେଶ୍ୱର, ୪ ।୮ : ନ୍ୟୁଜ୍ ବ୍ୟୁରୋ

ସିଏମଓରୁ ନାଇଡୁ କମିଶନଙ୍କ ଫାଇଲ ଗାଏବ ଘଟଣାରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ ପୂରା ଘଟଣାର ତଦନ୍ତ ଟେକ୍ନିକାଲ ଉପାୟରେ କରାଯାଉଛି। ଏହି ମାମଲାରେ ଖୁବଶୀଘ୍ର ଏକାଧିକ ଲୋକଙ୍କୁ ଜେରା କରାଯିବ ଏବଂ *(ପୃଷ୍ଠା ୭ରେ)*


39001/41/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)**
**୨୦୨୬ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ**

**ପଞ୍ଜୀକରଣ ଅବଧି ୧୫ ଅଗଷ୍ଟ ୨୦୨୬ କୁ ବୃଦ୍ଧି**

**ଚାଷୀ ଭାଇଭଉଣୀଙ୍କ ପାଇଁ ସୂଚନା**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜୀକରଣ କରିପାରିବେ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା - **ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ** ଏହି ପଞ୍ଜୀକରଣ କରାଇପାରିବେ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକ କାଗଜ ପତ୍ର ଦେଇ ଏହି ପଞ୍ଜୀକରଣ କରାଇପାରିବେ।
- ଏହି ପଞ୍ଜୀକରଣ ପାଇଁ **ଆଧାର କାର୍ଡ (Aadhaar Card)** ବାଧ୍ୟତାମୂଳକ ଅଟେ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜୀକରଣ **ବିନା କୌଣସି ଦେୟରେ** କରାଯିବ। ବ୍ୟାଙ୍କ ଆକାଉଣ୍ଟ୍ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ।

**ସମବାୟ ବିଭାଗ, ଓଡ଼ିଶା ସରକାର**

OIPR : 39001/39051/2/26-27/0005

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୫ ଅଗଷ୍ଟ ୨୦୨୬ ବୁଧବାର





## ହସ୍ପିଟାଲ୍ ସଂକ୍ରମଣ ପ୍ରତିରୋଧ ନିମନ୍ତେ ପଦକ୍ଷେପ

**କଟକ, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଏବଂ ହସ୍ପିଟାଲୟ ସଂକ୍ରମଣ ପ୍ରତିରୋଧ ଉପରେ ସିଏମ୍ଇ ସହ ଏକ ପ୍ରାୟୋଗିକ କର୍ମଶାଳା ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଡିଏମ୍ଇଟି ପ୍ରଫେସର ଡଃ ଦୁର୍ଗା ମାଧବ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ସଂକ୍ରମଣ ନିୟନ୍ତ୍ରଣ, ରୋଗୀ ସୁରକ୍ଷା ଏବଂ ଉତ୍ତମ ଚିକିତ୍ସାସେବା ପାଇଁ ନିୟମିତ ନିରୀକ୍ଷଣ ଓ ସଠିକ୍ ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କର୍ମଶାଳାରେ ଏସ୍.ସି.ବି. ମେଡିକାଲ୍ କଲେଜର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ପ୍ରଫେସର ଡଃ ଧରିତ୍ରୀ ମହାପାତ୍ର, ଏମ୍ସ ଭୁବନେଶ୍ୱରର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ପ୍ରଫେସର ଡଃ ଅଶୋକ ମହାପାତ୍ର, ଏମ୍ସ ଭୁବନେଶ୍ୱରର ମାଇକ୍ରୋବାୟୋଲୋଜି ବିଭାଗର ମୁଖ୍ୟ, ପ୍ରଫେସର ଡଃ ବିଜୟିନୀ ବେହେରା ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ସଂକ୍ରମଣ ନିରୀକ୍ଷଣ ଏବଂ ହସ୍ପିଟାଲ୍ ସଂକ୍ରମଣ ପ୍ରତିରୋଧ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରଫେସର ଡଃ ପ୍ରତିଭା ପଣ୍ଡା, ପ୍ରଫେସର ଡଃ ଜ୍ୟୋତିଷ ଚୌଧୁରୀ ଯୋଗଦେଇ ଏସ୍.ସି.ବି. ମେଡିକାଲ୍ କଲେଜର ପ୍ରାୟ ୧୭୦ ଜଣ ଷ୍ଟାଫ୍ ନର୍ସଙ୍କୁ ହସ୍ପିଟାଲ୍‌ରେ ଅର୍ଜିତ ସଂକ୍ରମଣ ନିରୀକ୍ଷଣ, ସଂକ୍ରମଣ ପ୍ରତିରୋଧ ଓ ନିୟନ୍ତ୍ରଣ, ସଂକ୍ରମଣ ନିରୀକ୍ଷଣ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ବିଷୟରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଫେସର ଡଃ ବିଶ୍ୱଜିତ ମିଶ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ଅଧ୍ୟାପକ, ଡାକ୍ତର ଓ ବହୁ ସଂଖ୍ୟକ ଷ୍ଟାଫ୍ ନର୍ସ ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

### ////// ଆରମ୍ଭ ହେଲା ଗୋମାତା ସୁରକ୍ଷା ଅଭିଯାନ //////

## ଲାଗିବ ରିଫ୍ଲେକ୍ଟିଭ୍ ରେଡ଼ିୟମ ବେଲ୍ଟ, ହ୍ରାସ ପାଇବ ଦୁର୍ଘଟଣା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାତ୍ରି ସମୟରେ ରାଜପଥ ରାସ୍ତାରେ ବୁଲା ଗାଈଙ୍କ ଉପସ୍ଥିତି ଯୋଗୁ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟୁଛି । ଏଥିରେ ପ୍ରତ୍ୟେକ ଦିନ ଏକାଧିକ ନିରୀହ ବୁଲା ଗାଈ ଓ ବାଛୁରୀର ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଆଉ କିଛି ଗୁରୁତର ଆହତ ହେଉଛନ୍ତି । ଏହାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପକ୍ଷରୁ ଗୋମାତା ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି । ଏହାଦ୍ୱାରା ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ରାଜପଥ କଡ଼ରେ ବୁଲା ଗାଈ ଓ ବାଛୁରୀଙ୍କ ବେକରେ ରିଫ୍ଲେକ୍ଟିଭ୍ ରେଡ଼ିୟମ୍ ବେଲ୍ଟ ଲଗାଇବାକୁ ପଶୁ ସମ୍ପଦ ଓ ପଶୁ ଚିକିତ୍ସା ସେବା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ସେହିକ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ରାଜପଥ କଡ଼ରେ ବୁଲୁଥିବା ନିରୀହ ବୁଲା ଗାଈ ଓ ବାଛୁରୀର ବେକରେ ରେଡ଼ିୟମ୍ ବେଲ୍ଟ ଲଗାଇବା କାର୍ଯ୍ୟାରମ୍ଭ ହୋଇଯାଇଛି । ଜିଲ୍ଲାର ମୋଟ୍ ୧୩ ବ୍ଲକ୍‌ର ୩ ହଜାର ୧୮ଟି ଗାଈ ଓ ବାଛୁରୀଙ୍କ ବେକରେ ଏହି ରିଫ୍ଲେକ୍ଟିଭ୍ ରେଡ଼ିୟମ୍ ବେଲ୍ଟ ଲଗାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ, ପୋଲିସ, ଆର୍‌ଟିଓ, ଏମ୍‌ଭିଆଇ, ଏନ୍ଏଚ୍ଏଆଇ, ସହରାଞ୍ଚଳ ଓ ପଞ୍ଚାୟତ ସଂସ୍ଥା, ଗୌଶାଳା ଓ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ସହ ସମନ୍ୱୟରେ ଏଭଳି ମହତ୍ କାର୍ଯ୍ୟ ଆରମ୍ଭ କରାଯାଇଥିବା ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଞ୍ଜନ ଦାସ କହିଛନ୍ତି । ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବ୍ୟସ୍ତ ସହରାଞ୍ଚଳ ଓ ଦୁର୍ଘଟଣା ପ୍ରବଣ ସ୍ଥାନରେ ବୁଲା ଗାଈ ଓ ବାଛୁରୀଙ୍କୁ ପ୍ରାଥମିକତା ଭିତିରେ ରେଡ଼ିୟମ୍ ବେଲ୍ଟ ପିନ୍ଧାଯାଉଥିବା ଦେଖିବାକୁ ମିଳିଛି । ଚଳିତ ମାସ ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଅଭିଯାନ ଶେଷ କରିବା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ଅଭିଯାନ ପରେ ମଧ୍ୟ ବେଲ୍ଟ ଗୁଡ଼ିକ ସଠିକ୍ ଭାବେ ବ୍ୟବହୃତ ହେଉଥିବାର ନିୟମିତ ଅନୁଧ୍ୟାନ କରିବାକୁ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ପକ୍ଷରୁ ଜିଲ୍ଲା ଗୁଡ଼ିକୁ କଟକରୁ ରିଫ୍ଲେକ୍ଟିଭ୍ ରେଡ଼ିୟମ୍ ବେଲ୍ଟ ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ବେଲ୍ଟ ପ୍ରସ୍ତୁତ ନିମନ୍ତେ ୩୫ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି । ରାଜ୍ୟର ବିଭିନ୍ନ ଜିଲ୍ଲାକୁ ସର୍ବମୋଟ୍ ୬୯ ହଜାର ୮୧୭ଟି ରିଫ୍ଲେକ୍ଟିଭ୍ ରେଡ଼ିୟମ୍ ବେଲ୍ଟ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ବାରମ୍ବାର ସଚେତନତା ପରେ ମଧ୍ୟ ବହୁ ଅମାନିଆ ମାଲିକ ପାଳିତ ଗାଈ ଓ ବାଛୁରୀକୁ ବାହାରେ ଖୋଲା ଛାଡ଼ିଦେଉଥିବା ବେଳେ ସେମାନେ ବିଭିନ୍ନ ରାଜପଥ କଡ଼କୁ ଖାଦ୍ୟ ଅନଶନରେ ଯାଉଛନ୍ତି । ସେଠାରେ ସଡ଼କ ଦୁର୍ଘଟଣାର ଶିକାର ହେବା ସହ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଏହାଦ୍ୱାରା ଅନେକ ଗାଡ଼ି ଚାଳକ ମଧ୍ୟ ଆହତ ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଗୋମାତା ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ଏହାଦ୍ୱାରା ଉଭୟ ଗୋମାତା ଓ ମନୁଷ୍ୟଙ୍କୁ ଜୀବନକୁ ସୁରକ୍ଷା ମିଳିବା ସହ ବିଭିନ୍ନ ରାଜପଥରେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବାରେ ଆଶଙ୍କା ରହିଛି ।

## ବାଲେଶ୍ୱରରେ ୩୯ ଅଭିଯୋଗର ତତ୍କାଳ ସମାଧାନ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୬୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୧୨୯ଟି ବ୍ୟକ୍ତିଗତ ଏବଂ ୨ଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩୪ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ । ଏହି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ୩୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଉପଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ.ଦିଲ୍ଲୀପ କୁମାର ଜେନା, ବାଲେଶ୍ୱର ନିର୍ବାହୀ ଅଧିକାରୀ, ପୌରପାଳିକା ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



## ବନ୍ୟା ପ୍ରଭାବିତ ଅଞ୍ଚଳରେ ପଶୁ ସମ୍ପଦ ସୁରକ୍ଷା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଥିବାବେଳେ ପ୍ରଭାବିତ ଲୋକମାନଙ୍କ ନିକଟରେ ପ୍ରଶାସନ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଦେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ଅଞ୍ଚଳ ଗୁଡିକରେ ପଶୁ ସମ୍ପଦର ସୁରକ୍ଷାକୁ ପାଇଁ ଗରଦପୁର ବ୍ଲକର ସାନନୟନପୁର ଗ୍ରାମରେ ପଶୁମାନଙ୍କ ସବୁଜ ଖାଦ୍ୟ, (ଗ୍ରୀନ୍ ଫଡର) ବଣ୍ଟନ କରାଯାଇଛି। ମହାକାଳପଡାରେ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ପଶୁ ଚିକିତ୍ସା ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଓ ଗଣ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି। ପଶୁମାନଙ୍କୁ ବନ୍ୟା ପରବର୍ତ୍ତୀ ସଂକ୍ରାମକ ରୋଗରୁ ସୁରକ୍ଷା ଦେବା ସହିତ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏଥିସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର କେତେଗୁଡିଏ ପଞ୍ଚାୟତରେ ବନ୍ୟା ପୀଡିତଙ୍କ ପାଇଁ ମାଗଣା ରୋଷେଇ କେନ୍ଦ୍ର ଖୋଲାଯାଇଛି। ପଶୁ ସମ୍ପଦ ସୁରକ୍ଷା, ସ୍ୱାସ୍ଥ୍ୟ ସେବା ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ସମୟପଯୋଗୀ ଭାବେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ସଚେତନ ଅଛି ।

## ଗୁରୁଜୀ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଶନ୍ନ କୁମାର ମିଶ୍ର ସମ୍ମାନିତ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଧ୍ୟାତ୍ମିକ ଭାବ ଜାଗରଣ ତଥା ପ୍ରଚାର ପ୍ରସାର ନିମିତ୍ତ ସମର୍ପିତ ସଂଗଠନ "ଭାଗବତ ଚେତନା ପରିଷଦ" ବାନ୍ଧନଘୋର ପକ୍ଷରୁ ବାରପୁଡୁଗିଆ ଶିବାଶ୍ରମ ସେବା ପ୍ରତିଷ୍ଠାନ ତଥା ଗ୍ରାମବାସୀଙ୍କ ସହଯୋଗରେ ଆଷାଢ ଗୁରୁପୂର୍ଣ୍ଣିମା ଉତ୍ସବ ଆୟୋଜିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ତଥା ଜିଲ୍ଲା ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ବାରପୁଡୁଗିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଏକ୍କା ସଭାପତିତ୍ୱ କରିଥିଲେ । ପ୍ରଥମ ଗୁରୁ ବନ୍ଦନା ପରେ ପରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କୁ ଫୁଲ ଚନ୍ଦନ ଦୀପ ଉତ୍ତରୀୟ ଦେଇ ଗୁରୁପୂଜନ କରାଯାଇଥିଲା । ପରେ ପରିଷଦ ପକ୍ଷରୁ ସ୍ଥାନୀୟ ଅବସରପ୍ରାପ୍ତ ଗୁରୁଜୀ ତଥା ସାହିତ୍ୟିକ କଳାପ୍ରେମୀ ପ୍ରଶନ୍ନ କୁମାର ମିଶ୍ର ଓ ପରମ୍ପରା କ୍ରମେ ପାଦଧୌତ ପୂର୍ବକ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଭଗବତ ଚେତନା ପରିଷଦର ସଭାପତି ମଳୟ ଆନନ୍ଦ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ମନ୍ମୟ ତ୍ରିପାଠି, କାର୍ତ୍ତିକ ସାହୁ, ନିଳାମ୍ବର ନାଏକ, ରଞ୍ଜିତ ବେହେରା, ନେପାଲ ପ୍ରଧାନ ପ୍ରମୁଖ ଗୁରୁଜୀ ମିଶ୍ରଙ୍କୁ ମାନପତ୍ର ଦେଇ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନିତ କରିଥିଲେ । ଶ୍ରୀ ମିଶ୍ର ତିନି ଗୋଟି ଭଜନ ପୁସ୍ତକ ଭକ୍ତି ପୁଷ୍ପାଞ୍ଜଳି, ଭକ୍ତି ମଞ୍ଜରୀ ଓ ଭକ୍ତି ଚନ୍ଦନ ପ୍ରକାଶ କରିଥିବା ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅମୃତା କର, ନିର୍ଝରିକା ନାୟକ, ଲିଲି ପଣ୍ଡା, ରବିଚନ୍ଦ୍ର ଧରୁଆ, ଉମେଶ ନାଗ, ସୁମନ୍ତ ସାହୁ, ଗୋବର୍ଦ୍ଧନ ଭୋଇ, ସୁମନ୍ତ କୁମାର ନାଗ, ଜତିନ୍ଦ୍ର ସାହୁ ପ୍ରମୁଖ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରମୋଦ କର୍ମୀ ଧନ୍ୟବାଦ ଜ୍ଞାପନ କରିଥିଲେ । ସଦାନନ୍ଦ ମହଲା, ପରମେ ନାଏକ, ବିକାଶ ନାଏକ, ସଞ୍ଜୟ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ଟ୍ରେନ୍ ଧକ୍କାରେ ୪୦ ଛେଳି ମୃତ:କ୍ଷତିପୂରଣ ଦାବି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅନ୍ତର୍ଗତ କାଦପଦର ବ୍ରିଜ୍ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି । ରେଳ ଧାରଣା ପାର୍ ହେଉଥିବା ବେଳେ ହଠାତ୍ ଏକ ଦ୍ରୁତଗାମୀ ଟ୍ରେନ୍ ଆସିଯିବାରୁ ଛେଳିପଲ ଉପରେ ଟ୍ରେନ୍ ଚଢ଼ିଯାଇଥିଲା । ଏହି ଦୁର୍ଘଟଣାରେ ପ୍ରାୟ ୪୦ଟି ଛେଳିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, କାଦପଦର ଗ୍ରାମର ଚାଷୀ ଗଜେନ୍ଦ୍ର ନିଜ ଛେଳିପଲକୁ ଚରାଇବା ପାଇଁ ନେଇ ଯାଉଥିବା ବେଳେ ରେଳଧାରଣା ପାର୍ ହେଉଥିଲେ । ଠିକ୍ ସେହି ସମୟରେ ଏକ ଦ୍ରୁତଗାମୀ ଟ୍ରେନ୍ ଆସିଯିବାରୁ ଛେଳିଗୁଡ଼ିକ ସୁରକ୍ଷିତ ସ୍ଥାନକୁ ହଟିପାରିନଥିଲେ । ଫଳରେ ଟ୍ରେନ୍ ଧକ୍କାରେ ୪୦ଟି ଛେଳି ପ୍ରାଣ ହରାଇଥିଲେ । ଏହି ଦୁର୍ଘଟଣାରେ ପଶୁପାଳକଙ୍କର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଉଛି । ଛେଳି ପାଳନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ପରିବାର ପାଇଁ ଏହି ଘଟଣା ବଡ଼ ଆର୍ଥିକ ଆଘାତ ସୃଷ୍ଟି କରିଛି । ଘଟଣା ପରେ ସ୍ଥାନୀୟ ଲୋକ ଓ ଚାଷୀମାନେ ଘଟଣା ସ୍ଥଳରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିବା ସହ କ୍ଷତିଗ୍ରସ୍ତ ପଶୁପାଳକଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ରେଳଧାରଣା ନିକଟରେ ପଶୁ ଚଳାଚଳ ରୋକିବା ପାଇଁ ଆବଶ୍ୟକ ସୁରକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ସେମାନେ ପ୍ରଶାସନ ଓ ରେଳ ବିଭାଗ ନିକଟରେ ଅନୁରୋଧ କରିଛନ୍ତି ।



## 'ସମ୍ବଲପୁରୀ ଦିନ୍' ଅବସରରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗ୍ରୀଷ୍ମ ମାସ ଯାଇ ବର୍ତ୍ତମାନ ବର୍ଷା ମାସ ଆସିଲା ସତ କିନ୍ତୁ ରକ୍ତ ଭଣ୍ଡାର ମାନଙ୍କରେ ରକ୍ତର ଘୋର ଅଭାବ ରହିଛି । ଏହି ରକ୍ତାଭାବକୁ କିଛିକାଂଶରେ ଦୂର କରିବା ପାଇଁ ନିଷ୍ଠା ପରିବାର ତରଫରୁ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କର ଜନ୍ମଦିନ ସ୍ମୃତି ତଥା ସମ୍ବଲପୁରୀ ଦିନ ଅବସରରେ ବରଗଡ଼ ରକ୍ତ ଭଣ୍ଡାର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ହାସ୍ୟ କବି ମୁନିରାମ କୁମ୍ଭାର ଯୋଗଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଆମ ନିଷ୍ଠା ପରିବାରର ସକ୍ରୀୟ ସଦସ୍ୟ ବୁଲୁ ଶତପଥୀ ନିଜେ ରକ୍ତ ଦାନ କରି ତାଙ୍କ ଜନ୍ମ ଦିନ ପାଳନ କରିଥିଲେ । ଏହି ଅବସରରେ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉଭୟ ଅତିଥି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରୁ ସର୍ବମୋଟ୍ ୨୧ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା । ସମସ୍ତ ରକ୍ତଦାତା ମାନଙ୍କୁ ଆମ ନିଷ୍ଠା ପରିବାର ତରଫରୁ କୋଟି କୋଟି ପ୍ରଣାମ ଓ ଧନ୍ୟବାଦ । ବୁଲୁ ଶତପଥୀ ଭାଇଙ୍କୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଏହି ଶିବିରକୁ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପସଭାପତି ସଚି ପଣ୍ଡା, ସମ୍ପାଦକ ଲୋକନାଥ ସାହୁ, କୋଷାଧକ୍ଷ ଶ୍ୟାମ ସୁନ୍ଦର ସାହୁ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା, ସୁତପା ଗଡଟିଆ, ରାଜ କିଶୋର ପଟ୍ଟନାୟକ, ଆଶିଷ କିରଣ ମହାପାତ୍ର ଓ ଅନ୍ୟ ସଦସ୍ୟ ସଦସ୍ୟାମାନେ ସୁପରିଚାଳନା କରିଥିଲେ ।

## ବକେୟା 'ମନରେଗା' ପାରିଶ୍ରମିକ ପାଇବା ପାଇଁ ଦାବିପତ୍ର ପ୍ରଦାନ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ମନରେଗା ଯୋଜନାରେ କାମ କରୁଥିବା ଗାଁ ସାଥୀ (ମେଟ୍) ସଂଘ ପୂର୍ବ କାମର ପାଉଣା ପାଇନଥିବାରୁ ଖପ୍ରାଖୋଲ



ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଗାଁ ସାଥୀ (ମେଟ୍) ମାନଙ୍କ ଦାବି ତଥା ଅଭିଯୋଗ ଅନୁଯାୟୀ ଖପ୍ରାଖୋଲ ବ୍ଲକ୍‌ର ଗାଁ ସାଥୀ (ମେଟ୍) ମାନେ ମନରେଗା ଯୋଜନାରେ ବିଭିନ୍ନ ଗାଁ ମାନଙ୍କରେ କାର୍ଯ୍ୟର ଏନ୍ଏମ୍ଏମ୍ଏସ୍ କରିଥିଲେ । ଯେଉଁଥିରେ ଗାଁ ସାଥୀମାନେ ସେମାନଙ୍କର ପାରିଶ୍ରମିକ ପାଇବା କଥା ହେଲେ କିଛି ଗାଁ ସାଥୀମାନେ ସେମାନଙ୍କର ପାରିଶ୍ରମିକ ପାଇନଥିବାର ଅଭିଯୋଗ କରିଛନ୍ତି । ଆହୁରି ମଧ୍ୟ ଯେ ପୂର୍ବ ଏନ୍ଏମ୍ଏମ୍ଏସ୍‌ର ପାରିଶ୍ରମିକ ବାକି ରହିଥିବା ବେଳେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଏନ୍ଏମ୍ଏମ୍ଏସ୍ କରିବାକୁ କୁହାଯାଉଛି । ତେବେ ଗାଁ ସାଥୀ (ମେଟ୍) ମାନଙ୍କ ଅଭିଯୋଗ ଅନୁଯାୟୀ ସେମାନଙ୍କର ପୂର୍ବ ପାରିଶ୍ରମିକ ଦେବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏନ୍ଏମ୍ଏମ୍ଏସ୍‌ର ପାରିଶ୍ରମିକ ପ୍ରଦାନ କରିବା ପାଇଁ ନିଜର ଦାବି ଜଣାଇଛନ୍ତି। ଯଦି ପ୍ରଶାସନ ପାରିଶ୍ରମିକ ପ୍ରଦାନରେ ଅବହେଳା କରେ ଗାଁ ସାଥୀ (ମେଟ୍)ମାନେ ନିଜ କାର୍ଯ୍ୟରୁ ବିରତ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଗାଁ ସାଥୀ (ମେଟ୍) ସଂଘ ସଭାପତି ବିନୋଦ କୁମାର ପ୍ରଧାନ, ଉପସଭାପତି ରୋହିତ ଭୋଇ, ସମ୍ପାଦିକା ଶ୍ରୀମତୀ ଶଗଡ଼ିଆ, କୋଷାଧକ୍ଷ ସ୍ୱପ୍ନା ଅଗ୍ରୱାଲ, ସହ ସମ୍ପାଦକ ଶରତ ଜ୍ୟୋତିଷ, ମୌସୁମୀ ଦୀପ, ଛଗନ ଦାସ, ରୋହିତ ବାଗ, ହରେ ବାଗ, ହରି ମାଝୀ, ଜଳନ୍ଧର ବେହେରା, ତୁଳସିରାମ ବାଗ, ମୋତି ସୁନା, ସୁଦର୍ଶନ ସେଠ୍ ପ୍ରମୁଖ ଗାଁ ସାଥୀ (ମେଟ୍) ମାନେ ଉପସ୍ଥିତ ରହିଥିଲେ।

## ଗରିବ ଓ ଅସହାୟ ଲୋକଙ୍କୁ ଆଇନ୍ ସେବା ପ୍ରଦାନ ନେଇ ସଚେତନତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ସମାଜର ଗରିବ, ଦୁର୍ବଳ ବର୍ଗର ଲୋକମାନଙ୍କ ନିକଟରେ ଆଇନ୍ ସଚେତନତା ପହଞ୍ଚାଇବା ଏବଂ ନିଶୁଳ୍କ ଆଇନ୍ ସେବାର ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜଗତି ସ୍ଥିତ ମୁଖ୍ୟମନ୍ତ୍ରୀ ସେବା ଗୃହ ପରିସରରେ 'ନାଲସା ୨୦୧୫, ନାଲସା, ମହମ୍ମଦ ଆହମଦ ଖାନ ବନାମ ଶାହ ବାନୋ ବେଗମ ଓ ଅନ୍ୟମାନେ ମାମଲାର ଐତିହାସିକ ରାୟ ଏବଂ 'ସମାଧାନ ସମାରୋହ-୨୦୨୬' 'ସମ୍ପର୍କିତ ଏକ ବ୍ୟାପକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଡିଏଲ୍ଏସ୍ଏ, ବୌଦ୍ଧର ସଚିବ ଶ୍ରଦ୍ଧାଳି ରାୟଙ୍କ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ସେ ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ଜାତୀୟ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପ୍ରଣୀତ ବିଭିନ୍ନ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ଦୁର୍ବଳ, ଅବହେଳିତ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଲୋକମାନଙ୍କୁ ନିଶୁଳ୍କ ଆଇନ୍ ସହାୟତା ପ୍ରଦାନ କରି ସେମାନଙ୍କୁ ନ୍ୟାୟର ସୁଗମ ସୁଯୋଗ ଯୋଗାଇଦେବା। ଏହି ଅବସରରେ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ପୁରୋହିତ, ବୌଦ୍ଧ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ଶରତ ପୁରୋହିତ ଏବଂ ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏଭଳି ଜନହିତକର ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ୨୦୧୫ ଅନୁଯାୟୀ ଗରିବ ଓ ଦୁର୍ବଳ ବର୍ଗର ଲୋକମାନେ କିପରି ସରକାରୀ କଲ୍ୟାଣକାରୀ ଯୋଜନାର ସୁବିଧା ପାଇପାରିବେ, ନିଶୁଳ୍କ ଆଇନ୍ ସହାୟତା କିପରି ମିଳିବ ଏବଂ ଆଇନ୍ ସେବା ପ୍ରାଧିକରଣ ସେମାନଙ୍କୁ କିପରି ସହଯୋଗ କରୁଛି ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି ସମାଜରେ ଅବହେଳିତ, ପଛୁଆ, ବିପନ୍ନ ଏବଂ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ପ୍ରଭାବିତ ବ୍ୟକ୍ତିମାନଙ୍କୁ ଆଇନଗତ ସହାୟତା, ସୁରକ୍ଷା ଓ ସଶକ୍ତିକରଣ ପ୍ରଦାନ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ 'ମହମ୍ମଦ ଆହମଦ ଖାନ ବନାମ ଶାହ ବାନୋ ବେଗମ ଓ ଅନ୍ୟମାନେ ମାମଲାର ରାୟର ଗୁରୁତ୍ୱ, ମହିଳାଙ୍କ ଭରଣପୋଷଣର ଆଇନଗତ ଅଧିକାର, ସାମାଜିକ ନ୍ୟାୟ ଏବଂ ଲିଙ୍ଗଗତ ସମାନତା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସେବା ଗୃହର ଅନ୍ତେବାସୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସେମାନେ ବିଭିନ୍ନ ଆଇନଗତ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିଥିବା ବେଳେ ଉପସ୍ଥିତ ବକ୍ତାମାନେ ସେଗୁଡ଼ିକର ସନ୍ତୋଷଜନକ ଉତ୍ତର ପ୍ରଦାନ କରିଥିଲେ। ଶେଷରେ ଜନସାଧାରଣଙ୍କୁ ନିଶୁଳ୍କ ଆଇନ୍ ସେବାର ସଦୁପଯୋଗ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ସମ୍ପର୍କରେ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ ଓ ପ୍ରଶାସନ ସହ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟାଞ୍ଚଳ ପ୍ରବେଶ କରିଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ଜିଲ୍ଲା ପ୍ରଶାସନ ସଜାଗ ଥିବାବେଳେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ତାଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀ କେନ୍ଦ୍ରାପଡା ବ୍ଲକ ଓ ପଟ୍ଟାମୁଣ୍ଡାଇ ବ୍ଲକର ଘାଗରା ଓ ପେଣ୍ଠପାଳ ପ୍ରଭୃତି ବନ୍ୟା ଅଞ୍ଚଳ ଗୁଡିକ ପରିଦର୍ଶନ କରି ବନ୍ୟା ଘେରରେ ଥିବା ଲୋକଙ୍କ ପାଇଁ ରିଲିଫ୍, ଔଷଧପତ୍ର ଓ ପଶୁମାନଙ୍କ ପାଇଁ ଗୋଖାଦ୍ୟ ଇତ୍ୟାଦି ଯୋଗାଇ ଦେବା ପାଇଁ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ପ୍ରଶାସନ, ଜିଲ୍ଲା ପ୍ରଶାସନ ସମସ୍ତ ଅଞ୍ଚଳରେ ରିଲିଫ୍ ଓ ଗୋଖାଦ୍ୟ ଯୋଗାଇ ଦେଇଥିବା ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ଏକ ଡଙ୍ଗାରେ ପେଣ୍ଠପାଳ ଓ ଘାଗରା ଅଞ୍ଚଳ ପରିଦର୍ଶନ କରି ପାଣି ଘେରରେ ଥିବା ଗ୍ରାମବାସୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଶ୍ରୀ ବେହେରା ଅସୁବିଧା ସମ୍ପର୍କରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି। ବିଧାୟକଙ୍କ ଏହି ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



## ଲେଖିକା ସଂସଦ ପକ୍ଷରୁ ବସନ୍ତ କବିତା ଆସର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଲେଖିକା ସଂଘ ତରଫରୁ ବସନ୍ତ କବିତା ଆସର ରବିବାର ଆଭାସୀ କାର୍ଯ୍ୟକ୍ରମ ଅନ୍ ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଲେଖିକା ସଂସଦର ସଭାପତି ହିରଣ୍ମୟୀ ମହାନ୍ତି ସ୍ୱାଗତ ଜଣାଇ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ଅନୁଷ୍ଠାନ ବିଷୟରେ ବିବରଣୀ ରଖିବା ପରେ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ସଂସଦର ବରିଷ୍ଠ ଲେଖିକା ଇନ୍ଦୁରେଖା ପଣ୍ଡା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭଜନଟିଏ ଗାନ କରିଥିଲେ । କବିତା ଗୁଡିକୁ ସଂଯୋଜନା କରିଥିଲେ ସଂସଦର ଉପସଭାପତି ପ୍ରମିଳା ପ୍ରତାପ । ବରିଷ୍ଠ କବି ମିରିନା ମହାନ୍ତି ବସନ୍ତ ଋତୁ ଉପରେ ନିଜର ବ୍ୟକ୍ତବ୍ୟ ରଖିଥିଲେ । ପରେ ପରେ କବିତା ପାଠ କରାଯାଇଥିଲା। କବି ନିରୁପମା ସ୍ୱାଇଁ ନୀଳିମା ମହାନ୍ତି, ପ୍ରତିଭା ପାତ୍ର, ମଞ୍ଜୁଲତା ନାୟକ, ଗାୟତ୍ରୀ ଦାସ, ମଧୁସ୍ମିତା ନାୟକ, ଲବଙ୍ଗ ଲତା ପରିଡା, ରାଜଶ୍ରୀ ପରିଡା, ଧରିତ୍ରୀ ଦାସ ହେମଲତା ଜେନା, ବିନୋଦିନୀ ଦାଶ, ମନୋରମା ମହାନ୍ତି, ଅଶାନ୍ତି ସାମଲ, ସନ୍ଧ୍ୟା ଘଡେଇ ଜୟନ୍ତୀ ଜେନା, ଅପର୍ଣ୍ଣା ଦାଶ, ମଞ୍ଜୁଲତା ନାୟକ, ସବିତା ମିଶ୍ର, ପଦ୍ମଜା ଶରଣ, ମନୋରମା ଶତପଥି, ଅମ୍ରିତା ସିଂହ, ସନ୍ଧ୍ୟା ମିଶ୍ର ଇତ୍ୟାଦି ଯୋଗଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଧନ୍ୟବାଦ ଦେଇଥିଲେ ବରିଷ୍ଠା ସଦସ୍ୟା ସରୋଜିନୀ ପତି ।

## ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଉତ୍ସବ ଅଧ୍ୟକ୍ଷ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଗତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ଦାଶ ପ୍ରମୁଖ ମଞ୍ଚାସିନ ହୋଇ ନବାଗତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ନୀତିନିୟମ ମାନି ପାଠ ପଢିବା ପାଇଁ ହିତୋପଦେଶ ଦେଇଥିଲେ । ଅୟମାରମ୍ଭ ପୂର୍ବରୁ ଶ୍ରୀଜଗନ୍ନାଥ ଏବଂ ଅଗ୍ରପୂଜ୍ୟ ଗଣେଶଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରି ଜାତୀୟ ସଂଗୀତ ଗାନ ସହ ଶୁଭାରମ୍ଭ ହୋଇଥିଲା । ମଞ୍ଚାସିନ ଅତିଥିମାନଙ୍କୁ ଛାତ୍ରୀମାନେ ସମ୍ବର୍ଦ୍ଧନା କରିଥିଲେ । ଉକ୍ତ ସଭାରେ ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଅତିଥିଙ୍କ ପରିଚୟ ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବାୟୋଲୋଜି ବିଭାଗର ଡେମନଷ୍ଟ୍ରେଟର ବିଚିତ୍ରା ନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇ +୨ କଳା ଦ୍ୱିତୀୟ ବର୍ଷ ଛାତ୍ର ଛାତ୍ରୀମାନେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ସତ୍ୟବାନ ପଣ୍ଡା ଏବଂ କାଳିଆ ବେହେରା ପୁରସ୍କାର ବଣ୍ଟନ ସହଯୋଗ କରିଥିଲେ । ତର୍କଶାସ୍ତ୍ର ଅଧ୍ୟାପକ ଶରତ ଚନ୍ଦ୍ର ଯୋଷୀ, ଶିକ୍ଷା ବିଭାଗ ଅଧ୍ୟାପିକା ସୁଶ୍ରୀ ସୁପ୍ରଭା ସାହୁ, ଅର୍ଥନୀତି ଅଧ୍ୟାପିକା ଶୁଭସ୍ମିତା ସାଠୁଆ, ବାଣିଜ୍ୟ ଅଧ୍ୟାପିକା ଐଶ୍ୱରୀୟା ଶାଳଗ୍ରାମ, ଓଡ଼ିଆ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପକ ଅମର ନାହାକ ନିଜ ନିଜ ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବଶଙ୍କର ପଣ୍ଡା, ବୈକୁଣ୍ଠ ନାହାକ, ପ୍ରମୋଦ ବେହେରା, ମାଗୁଣି ବେହେରା, ସାବିତ୍ରୀ ବେହେରା, ରୀନା କୁମାରୀ ପାଣିଗ୍ରାହୀ କର୍ମରତ କର୍ମଚାରୀ ଏହି କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

## କୋରେଇରେ ୩୦୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେପିରେ ମିଶିଲେ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଶାସକ ବିଜେପି ଦଳର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ। ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ୍ ହୋଇଥିବାବେଳେ କୋରେଇ ବିଜେପି ପକ୍ଷରୁ ରଣପୁର ହାଇସ୍କୁଲ ପଡିଆ ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ରଣପୁରର ପୂର୍ବତନ ସରପଞ୍ଚ ଉପେନ୍ଦ୍ର କର ଏବଂ ବର୍ତ୍ତମାନର ସରପଞ୍ଚ ସୁକାନ୍ତି ସାହୁଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ କୋରେଇ ବ୍ଲକ୍ ଅନ୍ତର୍ଗତ ରଣପୁର ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଉପେନ୍ଦ୍ର କରଙ୍କ ସମେତ ୩୦୦ ଉର୍ଦ୍ଧ୍ୱ ବିଜେଡି କର୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି।

## ବୈଦ୍ୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର୍ ସ୍ତରୀୟ ବୈଠକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ହରଡଖୋଳ କ୍ଲଷ୍ଟର୍ ଅନ୍ତର୍ଗତ ବୈଦ୍ୟନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୨୦୨୬-୨୭ ଶିକ୍ଷା ବର୍ଷର ଦ୍ୱିତୀୟ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସି.ଆର୍.ସି.ସି. ରଶ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୈଦ୍ୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଘନଶ୍ୟାମ ମିଶ୍ର ସର୍ବପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କ୍ଲଷ୍ଟରର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀ ଓ ଜ୍ୟୋତିପ୍ରଭା ସାହୁ, ନୂତନ ଭାବରେ କ୍ଲଷ୍ଟରରେ ଯୋଗଦେଇଥିବା ୩ ଲେଭେଲ୍ ଥାର୍ଡ ପ୍ରଧାନ ଶିକ୍ଷକ ବିନୋଦ ମେହେର, ବ୍ୟୋମକେଶ ତ୍ରିପାଠୀ ଓ ଗାୟତ୍ରୀ ଦାସ ଏବଂ ସାନଫଳ୍ଲି ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଶିକ୍ଷକ ଦୁଷ୍ମନ୍ତ ମହାପାତ୍ରଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସି.ଆର୍.ସି.ସି. ରଶ୍ମିତା ସାହୁ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଧାରିତ ଦଳଗତ କାର୍ଯ୍ୟ କରାଇଥିଲେ। ଲକର୍ମା ବିଦ୍ୟାଳୟର ଶିକ୍ଷକ ବିକ୍ରମ କୁମାର ନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଗ୍ୟାଲେରୀ କାର୍ଯ୍ୟକୁ ସମସ୍ତଙ୍କୁ ପ୍ରଦର୍ଶିତ କରାଯିବା ସହ ଶ୍ରୀ ନନ୍ଦ ମୌଖିକ ଭାଷାର ବିକାଶର ଉଦ୍ଦେଶ୍ୟ ଓ ତଦ୍ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସେହିପରି ବୈଦ୍ୟନାଥ ବିଦ୍ୟାଳୟର ଶିକ୍ଷକ ଘନଶ୍ୟାମ ମିଶ୍ର ମଧ୍ୟ ନିଜ ଦ୍ୱାରା ପ୍ରସ୍ତୁତ ଗ୍ୟାଲେରୀ କାର୍ଯ୍ୟକୁ ସମସ୍ତଙ୍କୁ ପ୍ରଦର୍ଶିତ କରାଇ ମୌଳିକ ସଂଖ୍ୟାଜ୍ଞାନ ଉପରେ ଏକ ଶ୍ରେଣୀ ପରିଚାଳନା କାର୍ଯ୍ୟ କରିଥିଲେ। ଶେଷରେ ବୈଦ୍ୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଭିନ୍ନ ସମସ୍ୟା ନେଇ ସିପିଆଇର ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସାବୁଳିଆ ଗ୍ରାମ ପଞ୍ଚାୟତ ସି.ପି.ଆଇ ଶାଖା ପକ୍ଷରୁ ସାଥି ଶାଖା ସମ୍ପାଦକ ସନ୍ତୋଷ ଦଳାଇଙ୍କ ସଭାପତିତ୍ୱରେ ସ୍ଥାନୀୟ ଶ୍ରମିକ ଭବନ ଠାରୁ ଶତାଧିକ ଦଳୀୟ କର୍ମୀ ହାତରେ ଲାଲ ପତାକା ଓ ବ୍ୟାନର ଧରି ସାହି ବସ୍ତି ପରିକ୍ରମା ସହ ବିଭିନ୍ନ ସ୍ଲୋଗାନ ସହ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ୧୫ ଦଫା ଦାବିପତ୍ର ନେଇ ଖଲ୍ଲିକୋଟ ବିଡିଓଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ୧୫ ଦଫା ଦାବି ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ ଭତ୍ତା, ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ପାନୀୟ ଜଳ ସମସ୍ୟା, ଧାନ ମଣ୍ଡି ସମସ୍ୟା, କେନାଲ୍ ଶଯ୍ୟାର କଂକ୍ରିଟ୍ କରଣ, ସାର, ବିହନ, କୀଟନାଶକର କଳା ବଜାରୀ ବନ୍ଦ, ଗ୍ରାମର ମୁଖ୍ୟ ରାସ୍ତାରୁ ମଦ ଦୋକାନ ଉଚ୍ଛେଦ, ଖେଳ ପଡ଼ିଆ ନିର୍ମାଣ ଇତ୍ୟାଦି ଜନସାଧାରଣ ଭୋଗ କରୁଥିବା ମୌଳିକ ସମସ୍ୟା ଉଲ୍ଲେଖ ରହିଥିବା ଦାବିପତ୍ର ପ୍ରଦାନରେ ଜଣାଯାଇଛି। ଏହ ବିକ୍ଷୋଭ ସଭାରେ ସିପିଆଇ ଖଲ୍ଲିକୋଟ୍ ଅଞ୍ଚଳ ସମ୍ପାଦକ ସାଥୀ ସୀମାଞ୍ଚଳ ବେହେରା କେନ୍ଦ୍ର, ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ଯୋଗୁ ପଞ୍ଚାୟତରେ ବାସ କରୁଥିବା ଜନସାଧାରଣ କିଭଳି ପ୍ରତାରିତ ହେଉଛନ୍ତି ସେ ସମ୍ପର୍କରେ ବୁଝାଇଥିଲେ। ସିପିଆଇ ଗଞ୍ଜାମ ଜିଲ୍ଲା ନେତା ସାଥୀ ଦୁର୍ଗା ଚରଣ ପାତ୍ର ପନ୍ଦର ଦଫା ଦାବି ସମ୍ପର୍କରେ ଅବଗତ କରାଇଥିବା ସହିତ ଆଗାମୀ ଏକ ମାସ ମଧ୍ୟରେ ସମସ୍ତ ଦାବି ପୂରଣ ନହେଲେ, ଖଲ୍ଲିକୋଟ୍ ବ୍ଲକ ଅଫିସ୍ ଆଗରେ ଧାରଣା ଦିଆଯିବ ବୋଲି ପ୍ରଶାସନକୁ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ଯୁବ ସଂଘ ଗଞ୍ଜାମ ଜିଲ୍ଲା ସଭାପତି ସାଥୀ ମନୋଜ ଗୌଡ଼, ଶ୍ରମିକ ନେତା ତଥା ବରିଷ୍ଠ ଆଇନଜୀବୀ ସାଥୀ ଜୟରାମ ଦାଶ, ସାଥୀ ସନ୍ୟାସୀ ଲେଙ୍କା, ସାଥୀ ସଦାଶିବ ବେହେରା, ସିପିଆଇ ଗଞ୍ଜାମ ଅଞ୍ଚଳ ସମ୍ପାଦକ ସାଥୀ ଜେ ଭାସ୍କର ପାତ୍ରଙ୍କ ସହିତ କୃଷକ ନେତା ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଅଧିକାରୀଙ୍କ ସହ ଆଲୋଚନା କରିଥଲେ।

## ଚୌଦ୍ୱାରରେ ଡେଙ୍ଗୁ ଓ ଡାଇରିଆ ସଚେତନତା ଅଭିଯାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସ୍ଥିତ ଆର୍‌ସିସି ବିବେକାନନ୍ଦ ଓ ରୋଟାରୀ କ୍ଲବ୍ କଟକ ଅଭିନବର ମିଳିତ ଆୟୋଜନରେ ଡେଙ୍ଗୁ ଓ ଡାଇରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆର୍‌ସିସି ବିବେକାନନ୍ଦ ସଭାପତି ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାନେ 'ଆମ ପରିବେଶ ଆମ ହାତରେ' ବାର୍ତ୍ତା ସହ ଡେଙ୍ଗୁ ଓ ଡାଇରିଆ ନିରାକରଣ ସମ୍ପର୍କିତ ପ୍ଲାକାର୍ଡ଼ ମାନ ଧରି ଅଞ୍ଚଳ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଏହି ଅବସରରେ ପରିବେଶ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଟାରୀ କଟକ ଅଭିନବର ସଭାପତି ଶ୍ରୀନିବାସ ରଣା, ସୁଧାଂଶୁ ଶେଖର ଜେନା, ପ୍ରଭାସ ଚୌଧୁରୀ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା କେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।




## ଆଇନ୍ ପ୍ରାଧିକରଣର କାର୍ଯ୍ୟ ପରିସର ଓ ଉପଭୋକ୍ତାଙ୍କ ତଥ୍ୟ ପ୍ରଦାନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅତଲାପୁର ଗ୍ରାମପଞ୍ଚାୟତ ସଭାଗୃହରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତାକରି ପ୍ରାଧିକରଣର କାର୍ଯ୍ୟ ପରିସର, କେଉଁମାନେ ଏହାର ଉପଭୋକ୍ତା ତାହା ପ୍ରକାଶ କରିବା ସହିତ ସଭାର ସୂଚନା ଦେଇଥିଲେ। ଏଥିରେ ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ଦାଶ, ଯାଜପୁର ରୋଡରେ ଅବସ୍ଥାପିତ ଡିଏସ୍‌ପି ଶରତ କୁମାର ପାତ୍ର, ଆରକ୍ଷୀ ନିରୀକ୍ଷକ କୁଆଁଖିଆ ସୁଶାନ୍ତ କୁମାର ସେଠୀ ଓ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ତୃପ୍ତି ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇ ନାଲସାର ୨୦୨୫ ମସିହା ସ୍ମୃହା ସଚେତନତା କାର୍ଯ୍ୟକ୍ରମ ଯଥା ଯେଉଁମାନେ କଷ୍ଟରେ ଅଛନ୍ତି ଲୁଚି ଯାଉଛନ୍ତି କାହାକୁ କହିପାରୁ ନାହାଁନ୍ତି ସେମାନଙ୍କ ପାଖରେ ସରକାରୀ ଜନମଙ୍ଗଳ ଯୋଜନା ଓ ଆଇନ୍ ସେବା କିପରି ପହଞ୍ଚିପାରିବ ସେ ବିଷୟରେ ଆଲୋଚନା କରିବା ସହିତ ମହମ୍ମଦ ଅହମଦ ଖାନ୍ ବନାମ୍ ଶାହାବାନୋ ବେଗମ୍ ଅପିଲ୍ ମାମଲା ୧୦୩ ର ପରିଣତ ଓ ବର୍ତ୍ତମାନ ମୁସଲିମ୍ ମହିଳା ଆବଶ୍ୟକ ସ୍ଥଳେ କିପରି ଭରଣ ପୋଷଣ ହକ୍, ମାଗଣା ଆଇନ୍ ସେବା ପାଇପାରିବେ ସମସ୍ୟାର ଶିଘ୍ର ସମାଧାନ ହୋଇପାରିବ ସେ ବିଷୟରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ସରପଞ୍ଚ ଅନେସା କସର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଖଣ୍ଡ ଖଣ୍ଡ ହୋଇଗଲା ପାକିସ୍ତାନ

ଭାରତକୁ ଦି ଫାଳ କରିବାକୁ ଚେଷ୍ଟା କରୁଥିଲା ନିଜେ ଖଣ୍ଡ ଖଣ୍ଡ ହୋଇଗଲା ପାକିସ୍ତାନ। ପିଓକେରେ ଜୋରଦାର୍ ବିରୋଧ ପ୍ରଦର୍ଶନ ଭିତରେ ବେଲୁଚିସ୍ତାନ ନିଜ ସ୍ୱାଧୀନତା ଦିବସ ଫିକ୍ସ କରିସାରିଲାଣି। ଆସନ୍ତା ଅଗଷ୍ଟ ୧୧ ତାରିଖରେ ବେଲୁଚିସ୍ତାନ ସ୍ୱାଧୀନତା ଦିବସ ପାଳନ କରିବ। ବେଲୁଚ ନେତାମାନେ ଏଥିପାଇଁ ସାରା ଦୁନିଆରୁ ସମର୍ଥନ ଲୋଡୁଛନ୍ତି। ରିପବ୍ଲିକ ଅଫ ବେଲୁଚିସ୍ତାନ ଅଗଷ୍ଟ ୧୧ରେ ବେଲୁଚ ଏକତା ଦେଖାଇବାକୁ ଲୋକମାନଙ୍କୁ ଅପିଲ୍ କରିଛି। ବେଲୁଚ ଲିବରେସନ ନେତା ମୀର ୟାର ବେଲୁଚ ଅପିଲ୍ କରିଛନ୍ତି ଯେ, ଅଗଷ୍ଟ ୧୧ରେ ଲୋକମାନେ ସ୍ୱତନ୍ତ୍ର ବେଲୁଚିସ୍ତାନର ପତାକା ନିଜ ନିଜ ଘରେ ଲଗାଇବେ। ଏହା ସହ ଆଖପାଖ ବଜାର, ଦୋକାନ ଏବଂ ସାର୍ବଜନୀନ ସ୍ଥାନରେ ରିପବ୍ଲିକ ଅଫ ବେଲୁଚିସ୍ତାନର ପତାକା ଲଗାଯିବ। ପ୍ରତି ବର୍ଷ ଏହି ଦିନ ସ୍ୱାଧୀନତା ଦିବସ ପାଳନ ହେବ। ବିଦେଶରେ ରହୁଥିବା ଲୋକମାନେ ମଧ୍ୟ ଏହି ଦିନ ସ୍ୱାଧୀନତା ଦିବସ ପାଳନ କରିବାକୁ ସେ ଅପିଲ୍ କରିଛନ୍ତି। ବେଲୁଚ ନେତା କହିଛନ୍ତି ଯେ, କାଶ୍ମୀର ବିରୋଧରେ ବିଷ ଓଗାଳିବା ହେଉ କି ବେଲୁଚିସ୍ତାନରେ ସାମରିକ କାର୍ଯ୍ୟାନୁଷ୍ଠାନ, ସୋଭିଏତ୍ ଆଫଗାନ ଯୁଦ୍ଧରେ ସାମିଲ କିମ୍ବା ପରମାଣୁ ଟେଷ୍ଟିଂ... ପାକିସ୍ତାନର ନୀତି ପାଇଁ ସବୁବେଳେ ରକ୍ତ ବହେ। ପାକିସ୍ତାନ ସହ ରହି ବେଲୁଚିସ୍ତାନ କେବେବି ସମୃଦ୍ଧ ହୋଇପାରିବ ନାହିଁ। ତେଣୁ ସାରା ଦୁନିଆ ଠାରୁ ବେଲୁଚିସ୍ତାନକୁ ସମର୍ଥନ ମିଳିବା ଉଚିତ୍। ଏହାଦ୍ୱାରା ଶାନ୍ତି ପ୍ରତିଷ୍ଠା ହେବ। ତେବେ ଏଠାରେ ପ୍ରଶ୍ନ ହେଉଛି ଅଗଷ୍ଟ ୧୧ରେ କାହିଁକି ପାଳିବ ବେଲୁଚିସ୍ତାନ ? ସୂଚନା ଥାଉକି, ୧୯୪୭ ଅଗଷ୍ଟ ୧୧ରେ ରିପବ୍ଲିକ ଅଫ ବେଲୁଚିସ୍ତାନ ସ୍ୱାଧୀନ ହୋଇଥିଲା। ସେହି ସମୟରେ ଭାରତ-ପାକିସ୍ତାନ ଭାଗ ଭାଗ ହୋଇନଥିଲେ। ଅଲ ଇଣ୍ଡିଆ ରେଡିଓ ଏବଂ ନ୍ୟୁୟର୍କ ଟାଇମ୍ସରେ ଏହି ଖବର ପ୍ରସାରଣ ହୋଇଥିଲା। ଏହାକୁ ଆଧାର କରି ଏବେ ପ୍ରତିବର୍ଷ ବେଲୁଚିସ୍ତାନ ଅଗଷ୍ଟ ୧୧ରେ ସ୍ୱାଧୀନତା ଦିବସ ପାଳନ କରିବ। ଏପଟେ ପାକିସ୍ତାନ ୧୪ ଅଗଷ୍ଟରେ ସ୍ୱାଧୀନତା ଦିବସ ପାଳନ କରୁଛି। ଅଗଷ୍ଟ ୧୧କୁ ବେଲୁଚିସ୍ତାନ ସ୍ୱାଧୀନତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିସାରିଛି।

ବେଲୁଚ ନେତାମାନଙ୍କ ପକ୍ଷରୁ ସାରା ବିଶ୍ୱରୁ ସମର୍ଥନର ଆହ୍ୱାନ କରାଯାଇଛି। ରିପବ୍ଲିକ ଅଫ ବେଲୁଚିସ୍ତାନ ପକ୍ଷରୁ ବେଲୁଚ ଏକତା ପ୍ରଦର୍ଶନର ଅପିଲ୍ କରାଯାଇଛି। ଘର, ଦୋକାନ ଓ ସାର୍ବଜନୀନ ସ୍ଥାନରେ ବେଲୁଚିସ୍ତାନ ପତାକା ଉତ୍ତୋଳନ ପାଇଁ ମଧ୍ୟ ଆହ୍ୱାନ କରାଯାଇଛି ଏହା ସହ ବିଦେଶରେ ଥିବା ବେଲୁଚ ସମୁଦାୟଙ୍କୁ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରିବାକୁ ଅନୁରୋଧ କରାଯାଇଛି।

## ବାସସ୍ଥାନ ମଧ୍ୟରେ ବ୍ୟବସାୟ - ସରକାରଙ୍କ ବିଳମ୍ବିତ ଦୃଢ କାର୍ଯ୍ୟପନ୍ଥା

ଆପଣଙ୍କ ମତାମତ



**ମହାଶୟ, ନମସ୍କାର**

ଯେଉଁମାନେ ଜାଣିଶୁଣି ଅଧିକ ଅର୍ଥ ଉପାର୍ଜନା ଆଶାରେ, ବାସସ୍ଥାନ ପାଇଁ ଆବଣ୍ଟିତ ପ୍ଲଟରେ ଗେଷ୍ଟ ହାଉସ, ହଷ୍ଟେଲ, ଦୋକାନ, ହୋଟେଲ ଆଦି ଚଳାଉଛନ୍ତି, ଓ ପଡୋଶୀମାନଙ୍କ ଜୀବନ ଓ ରାସ୍ତାରେ ସୁରୁଖୁରୁରେ ଯାତାୟାତକୁ ଏକ ବ୍ୟଥାରେ ପରିଣତ କରି ଦେଇଛନ୍ତି, ସେଥିରେ ରୋକ ଲଗାଇବା ପାଇଁ ଏବେ ODA court ର ନିର୍ଦ୍ଦେଶକୁ କାହିଁକି ଅପେକ୍ଷା କରାଯାଉଛି ? କାହିଁକି ? ଏହା ବହୁ ବର୍ଷ ପୂର୍ବରୁ ଓ ପ୍ରତିଟି ଉଲଂଘନରେ ହେବାର ବିଧି ଅଛି । ସରକାର ଯଦି ଆଖି ଓ କାନ ବନ୍ଦ କରିଦେବେ ତେବେ ଆମେ ଦେଖିବୁ ଆଉ କିଛି, "ବାପୂଜି ନଗର", "ସହିଦ ନଗର", "ଅଶୋକ ନଗର", "ସତ୍ୟ ନଗର " ଇତ୍ୟାଦି। କର୍ତ୍ତୃପକ୍ଷ ଜାଣିଛନ୍ତି ଯେ କୌଣସି ବ୍ୟକ୍ତି ଏ ବିଷୟରେ ଅଭିଯୋଗ ଟିଏ ଦେଲେ, ପଡିଶା ସାଙ୍ଗେ ଗଣ୍ଡଗୋଳ / ମନାନ୍ତର ହୋଇପାରେ। ବିଡିଏ ଓ ବିଏମସିଙ୍କୁ ଭଲରୂପେ ଜଣା ଯେ, କେଉଁ କେଉଁ ସ୍ଥାନ ଗୁଡିକ, ବାସସ୍ଥାନ ବ୍ୟତୀତ ଅନ୍ୟ ବ୍ୟବସାୟିକ କାମରେ ଲାଗୁଚି। ଏଣୁ ଅଭିଯୋଗ ପତ୍ର ଓ ତାର ସତ୍ୟତା ଉପରେ ବିଚାର ବିମର୍ଶ କେବଳ ଅଭିଯୋଗକାରୀକୁ ହଇରାଣ କରିବା ଛଡା ଆଉ କିଛି ନୁହେଁ। ସହରକୁ ସହର ପରି ଚେହେରା ଦେବା ଓ ଏହାର ସହରୀ ପରିକଳ୍ପନାକୁ ବିକୃତ ନ କରାଇଦେବା, ସେମାନଙ୍କ ଦାୟିତ୍ୱ । ଏଣୁ ବିଡିଏ ଓ ବିଏମସି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ ଯେ, କାହାଠାରୁ କୌଣସି ଅଭିଯୋଗ ପତ୍ରକୁ ଅପେକ୍ଷା ନକରି, ବି ଏମ ସି ନିୟମ ଅନୁଯାୟୀ ସେ ସବୁକୁ ଭଙ୍ଗାଯାଉ। ଏଥିରେ "ମାନବିକତା"ର ଦ୍ୱାହି ଦେଇ, ଜନ ସମୂହଙ୍କ ସ୍ୱାର୍ଥକୁ ବାଦ୍ ଦେଇ କିଛି ସ୍ୱାର୍ଥପର ଲୋକଙ୍କ ସ୍ୱାର୍ଥ ରକ୍ଷା କରିବା, ମାନବିକତା ନୁହେଁ।

ମୁଷ୍ଟିମେୟ ଲୋକେ ଅସନ୍ତୁଷ୍ଟ ହେବେ ହିଁ ହେବେ କିନ୍ତୁ ମାନ୍ୟବର ମନ୍ତ୍ରୀମାନେ ଶପଥ ନେଇଛନ୍ତି ଯେ ବିନା ଭେଦଭାବ ଓ ପକ୍ଷପାତିତାରେ ମୁଁ ମୋର କାର୍ଯ୍ୟ ସମ୍ପାଦନ କରିବି । କିଛିଟା ଭୋଟ ପଛରେ ପଡି, ଅଧିକାଂଶ ଭୋଟ ହାତ ଛଡା କରନ୍ତୁନି। ଏଠାରେ ଗୋଟେ ପ୍ରଶ୍ନ-କେତେଜଣ ମାନ୍ୟବର ମନ୍ତ୍ରୀଙ୍କ ବାସସ୍ଥାନ ଭିତରେ ବ୍ୟବସାୟିକ କାର୍ଯ୍ୟକଳାପ ଚାଲୁଚି ? ସାମୁହିକ ସୁଖ ଓ ସ୍ୱାର୍ଥ ରକ୍ଷା କରିପାରିଲେ, ହଜାର ହଜାର ଲୋକେ ଖୁସି ହେବେ ଓ ହଜାର ହଜାର ଭୋଟ ବି ମିଳିବ।

**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ**
**ନୀଳାଦ୍ରି ବିହାର , ଭୁବନେଶ୍ୱର**
**ମୋ : ୯୪୩୯୪୯୦୦୦୯**

# ଓଡ଼ିଶାରେ ନାଗ ପୂଜା-୧



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପୁରାଣମାନଙ୍କରୁ ଜଣାଯାଏ ଯେ ଇନ୍ଦ୍ରଙ୍କ ସହିତ ନାଗରାଜା ବୃତ୍ରଙ୍କ ଯୁଦ୍ଧ ହୋଇ ଶେଷୋକ୍ତର ମୃତ୍ୟୁ ହୋଇଥିଲା। ପୁଣି ନାଗରାଜ ତକ୍ଷକ ଥିଲେ ଇନ୍ଦ୍ରଙ୍କର ପରମ ବନ୍ଧୁ। (ମହାଭାରତ ଆଦିପର୍ବ, ପୃଷ୍ଠା: ୪୬-୫୩)। ତୃତୀୟ ପାଣ୍ଡବ ଅର୍ଜୁନ ଖାଣ୍ଡବ ବନକୁ ଦହନ କରୁଥିବାବେଳେ ସେଠାରେ ରହୁଥିବା ନାଗକୁଳ ମଧ୍ୟରୁ ବହୁତ ମରିଯାଇଥିଲେ। ତେଣୁ ନାଗରାଜ ତକ୍ଷକ ତାହାର ପ୍ରତିଶୋଧ ନେବା ପାଇଁ ପରବର୍ତ୍ତୀ କାଳରେ ଶପଥ ନେଇଥିଲେ। ରାଜସ୍ୱୟ ଯଜ୍ଞ ପାଇଁ ଦେଶ ଜୟ କରିବାବେଳେ ନାଗରାଜାଙ୍କ କନ୍ୟା ଉଲୁପୀଙ୍କ ସହିତ ମହାବୀର ଅର୍ଜୁନଙ୍କ ବିବାହ ହୋଇଥିବାର ମହାଭାରତରେ ବର୍ଣ୍ଣନା ରହିଛି। ଖାଣ୍ଡବ ବନ ଦହନରୁ ବଞ୍ଚିଯାଇଥିବା ଶୋଣ ନାମରେ ନାଗ ଅର୍ଜୁନଙ୍କୁ ମହାଭାରତ ଯୁଦ୍ଧରେ ମାରିଦେବା ପାଇଁ କର୍ଣ୍ଣଙ୍କର ଶରଣ ନେଇଥିଲା। ମାତ୍ର କର୍ଣ୍ଣ ତାକୁ ଆଶ୍ରୟ ନ ଦେବାରୁ ସେ ତାଙ୍କ ତୂଣୀରର ଶର ମଧ୍ୟରେ ଲୁଚି ରହି ଅର୍ଜୁନଙ୍କୁ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ଯୋଗୁ ତାହା ସମ୍ଭବ ହୋଇପାରିନଥିଲା। ଶେଷରେ ପ୍ରତିଶୋଧ ପରାୟଣ ତକ୍ଷକଙ୍କ ଯୋଗୁ ଅର୍ଜୁନଙ୍କର ପୌତ୍ର ପରୀକ୍ଷିତଙ୍କର ମୃତ୍ୟୁ ହୋଇଥିଲା। ତେଣୁ ତାହାର ପ୍ରତିଶୋଧ ନେବା ପାଇଁ ତାଙ୍କ ପୁତ୍ର ଜନ୍ମେଜୟ ସର୍ପ ଯଜ୍ଞ କରି ନାଗବଂଶ ଧ୍ୱଂସ କରିବା ଆରମ୍ଭ କରିଦେଇଥିଲେ। ଶେଷରେ ଆସ୍ତିକ ଋଷିଙ୍କ ପ୍ରଭାବ ଯୋଗୁ ନାଗବଂଶ ଧ୍ୱଂସ ମୁଖରୁ ରକ୍ଷା ପାଇଯାଇଥିଲା। ବର୍ତ୍ତମାନର ନାଗାଲାଣ୍ଡ ହିଁ ମହାଭାରତର ନାଗଲୋକ ଭାବେ ପରିଚିତ ଥିଲା ଓ ତାହାପରେ ଅର୍ଜୁନ ମଣିପୁର ଜୟ କରି ରାଜଜେମା ଚିତ୍ରାଙ୍ଗଦାଙ୍କୁ ବିବାହ କରିଥିଲେ ଓ ତାଙ୍କର ବଭ୍ରୁବାହନ ନାମରେ ପୁତ୍ର ସନ୍ତାନ ଜନ୍ମ ନେଇଥିଲେ। ଏହିସବୁ ବିବାହ ସେତେବେଳେ ମାତୃକେନ୍ଦ୍ରିକ ଥିଲା। ନାଗ ଲୋକ ଅନ୍ୟତ୍ର ଥିବାର କେହି ଐତିହାସିକ ମଧ୍ୟ ଯୁକ୍ତି କରିଥାନ୍ତି। ବର୍ତ୍ତମାନର ଆଲୋଚ୍ୟ ନାଗାଲାଣ୍ଡର ଅଧିକାଂଶ ଅଧିବାସୀ ଏବେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ। ସ୍ୱାଧୀନତା ପରେ ସେଠାର ଶେଷନାଗ ଗୋତ୍ରୀୟା ହିନ୍ଦୁ ରାଣୀ ଗୁଇନ୍ଦାଲୋ ଅତ୍ୟାଚାରିତା ହୋଇ ନୂଆଦିଲ୍ଲୀରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଆତିଥ୍ୟ ଗ୍ରହଣ କରିବା ସହ ଭାରତ ସରକାରଙ୍କଠାରୁ ପେନ୍‌ସନ୍ ପାଇ ମୃତ୍ୟୁ ପର୍ଯ୍ୟନ୍ତ ରହିଥିଲେ। ଭଗବାନ ବିଷ୍ଣୁଙ୍କ ବାହନ ରୂପେ ପରିଚିତ ଗରୁଡ଼ ନାଗବଂଶ ଧ୍ୱଂସର ଅନ୍ୟତମ କାରଣ ଅଟନ୍ତି। ତାଙ୍କୁ ଦେଖିଲେ ନାଗକୁଳ ସ୍ଥାନ ଛାଡ଼ି ପଳାଇ ଯିବାର ବହୁ ଗଳ୍ପର ମଧ୍ୟ ସୃଷ୍ଟି ହୋଇଛି। ତେବେ ପୁରାଣମାନଙ୍କର ଏହିସବୁ ଗଳ୍ପରୁ ଜଣାଯାଏ ଯେ ନାଗଜାତି ସହ ଭାରତରେ ବସତି ସ୍ଥାପନ କରିଥିବା ଅନ୍ୟମାନଙ୍କର ସର୍ବଦା ଶତ୍ରୁତା ଲାଗି ରହୁଥିଲା। ହୁଏତ ନାଗକନ୍ୟା ଉଲୁପିଙ୍କୁ ବିବାହ କରି ସାମାଜିକ ବନ୍ଧନ ଦୃଢ଼ କରିବାକୁ ଅର୍ଜୁନ ଚାହୁଁଥିବାବେଳେ ତାହା ମଧ୍ୟ ଶେଷରେ ସମ୍ଭବ ହୋଇପାରିନଥିଲା। ଋକ୍‌ବେଦରେ ଫଣି ବା ନାଗଜାତିଙ୍କୁ ଦସ୍ୟୁ ନାମରେ ଅଭିହିତ କରାଯାଇଛି। (ଋକ୍‌ବେଦ ୭ମ ୬, ୮)। ଟୀକାକାର ସାୟଣାଚାର୍ଯ୍ୟ ଓ ମହୀଧର ସେମାନଙ୍କୁ ଅନାର୍ଯ୍ୟ ବା ଅସୁର ନାମରେ ଅଭିହିତ କରିଛନ୍ତି। "ଫଣନ୍ତି ପରଦ୍ରବ୍ୟୈ ବ୍ୟବହନ୍ତୀତ ଫଣୟୋଽସୁରାଃ। (ସାୟଣ ଭାଷ୍ୟ, ୩ୟ, ୩୧,୫୫) (ଓଡ଼ିଶା ଇତିହାସ, ପୃଷ୍ଠା-୧୨)। ଶିଳ୍ପଶାସ୍ତ୍ରରେ କୌଣସି ନଗର, ଦୁର୍ଗ, ଘର ବା ପ୍ରାସାଦ ନିର୍ମାଣ କରିବା ପୂର୍ବରୁ ନାଗମାନଙ୍କୁ ପୂଜା କରାଯାଇଥାଏ। ଏହି ଶାସ୍ତ୍ର ଅନୁସାରେ ନାଗର ମସ୍ତକ ଓ ଲାଙ୍ଗୁଳ କେଉଁଠି ରହିଲା ତାହାକୁ ହିଁ ପାଥେୟ କରି ବାସ୍ତୁ ଶାସ୍ତ୍ରରେ ସ୍ଥାନଟିର ଶୁଭ ଓ ଅଶୁଭ ଗଣନା କରାହୁଏ। ପୁରାଣରେ ମୟ ନାମରେ ଜଣେ ଅସୁର ନାଗଶିଳ୍ପ କଳାର ମୁଖ୍ୟ ଥିବାର ବର୍ଣ୍ଣନା ରହିଛି। ଶ୍ରୀମଦ୍ଭାଗବତ ପଞ୍ଚମ ସ୍କନ୍ଧର ୯ମ ଓ ୨୮ରୁ ୩୦ ଶ୍ଳୋକମାନଙ୍କରେ ପାତାଳସ୍ଥ ଅସୁର ଏବଂ ନାଗଲୋକଙ୍କ ସମ୍ପର୍କରେ ବର୍ଣ୍ଣନା ରହିଥିବା ଦେଖିବାକୁ ମିଳେ।

ଯେଷୁ ମହାରାଜ ମୟେନ ମାୟାବିନା
ବିନିର୍ମିତାଃ ପୁରୋ
ନାନାମଣିପ୍ରବର ପ୍ରବେକ ବିରଚିତ
ବିଚିତ୍ର ଭବନ ପ୍ରାକାର
ଗୋପୁର ସଭା ଚୈତ୍ୟଚତ୍ୱ
ରାୟତନାଦି ଭିର୍ନାଗାସୁର ମିଥୁନ
ପାରାବତ-
ଶୁକସାରି କାକୀର୍ଣ୍ଣ କୃତ୍ରିମ
ଭୂମିଭିର୍ବିବରେଶ୍ୱରଗୃହୋତ୍ତମୈଃ
ସମଳଙ୍କୃତାଶ୍ଚକାସତି ।।୯।।

(ମହାରାଜ ! ସେହି ବିଳମାନଙ୍କରେ ମାୟାବୀ ମୟଦାନବଦ୍ୱାରା ନିର୍ମାଣ କରାଯାଇଥିବା ବହୁ ପୁରୀ ଶୋଭା ଓ ସୌନ୍ଦର୍ଯ୍ୟରେ ଝଲସି ଉଠୁଛି। ସେହି ପୁରୀ(ନଗରୀ)ଗୁଡ଼ିକ ବିଭିନ୍ନ ଜାତିର ସୁନ୍ଦର ଓ ଶ୍ରେଷ୍ଠ ମଣିରେ ରଚନା କରାଯାଇଥିବା ବହୁ ଚିତ୍ରବିଚିତ୍ର ଭବନ, ପ୍ରାଚୀର, ନଗରଦ୍ୱାର, ସଭାଭବନ, ମନ୍ଦିର, ପ୍ରଶସ୍ତ ଅଗଣା ଓ ଗୃହଦ୍ୱାରା ସୁଶୋଭିତ। ସେ ସବୁର କୃତ୍ରିମ ଭୂମିମାନଙ୍କରେ (ଚଟାଣରେ) ନାଗ ଓ ଅସୁରମାନଙ୍କର ମିଥୁନ (ଯୋଡ଼ି) ଏବଂ ପାରା, ଶୁଆ, ଶାରୀ ଆଦି ପକ୍ଷୀଯୁଗଳମାନେ ଆନନ୍ଦରେ କଳରବ କରନ୍ତି । ପାତାଳାଧିପତିମାନଙ୍କର ସେହିସବୁ ଭବ୍ୟ ଭବନ ସେହି ପୁରୀଗୁଡ଼ିକର ଶୋଭାବର୍ଦ୍ଧନ କରେ।)

ତତୋଽଧସ୍ତାଉଳାତଳେ ମୟୋ ନାମ
ଦାନବେନ୍ଦ୍ରସ୍ତ୍ରିପୁରାଧିପତିର୍ଭଗବତା
ପୁରାରିଣା ତ୍ରିଲୋକୀଶଂ ଚିକୀର୍ଷୁଣା
ନିର୍ଦ୍ଦଗ୍ଧସ୍ୱପୁରତ୍ରୟସ୍ତତ୍ପ୍ରସାଦାଲ୍ଲବ୍ଧପଦୋ
ମାୟାବିନାମାଚାର୍ଯ୍ୟୋ
ମହାଦେବେନ ପରିରକ୍ଷିତୋ
ବିଗତସୁଦର୍ଶନଭୟୋ
ମହୀୟତେ।।୨୮।।

(ସୁତଳ ଲୋକର ତଳକୁ ତଳାତଳ ଲୋକ ରହିଛି। ସେଠାରେ ତ୍ରିପୁରାଧିପତି ଦାନବରାଜ ମୟ ରହିଥାନ୍ତି। ପ୍ରଥମେ ତ୍ରିଲୋକକୁ ଶାନ୍ତି ପ୍ରଦାନ କରିବା ନିମନ୍ତେ ଭଗବାନ୍ ଶିବ ତାଙ୍କର ତିନିପୁର ଭସ୍ମ କରିଦେଇଥିଲେ। କିଛିଦିନ ପରେ, ପୁଣି ତାଙ୍କରି କୃପାରୁ ହିଁ ତାକୁ ଏହି ସ୍ଥାନ ମିଳିଛି। ସେ ହେଉଛି ମାୟାବୀମାନଙ୍କର ପରମଗୁରୁ ଏବଂ ମହାଦେବଙ୍କ ଦ୍ୱାରା ସୁରକ୍ଷିତ। ତେଣୁ ତାଙ୍କୁ ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଭୟ ମଧ୍ୟ ନଥାଏ। ସେଠାର ନିବାସୀମାନେ ତାଙ୍କୁ ଖୁବ୍ ସମ୍ମାନ ଦିଅନ୍ତି।)

ତତୋଽଧସ୍ତାନ୍ ମହାତଳେ
କାଦ୍ରବେୟାଣାଂ ସର୍ପାଣାଂ
ନୈକଶିରସାଂ
କ୍ରୋଧବଶୋ ନାମ ଗଣଃ
କୁହକତକ୍ଷକକାଳିୟସୁଷେଣାଦିପ୍ରଧାନା
ମହାଭୋଗବନ୍ତଃ ପତତ୍ତ୍ରିରାଜାଧିପତେଃ
ପୁରୁଷବାହାଦନବରତମୁଦ୍‌ବିଜମାନାଃ
ସ୍ୱକଳତ୍ରାପତ୍ୟସୁହୃତ୍‌କୁଟୁମ୍ବସଙ୍ଗେନ
କ୍ୱଚିତ୍ ପ୍ରମତ୍ତା ବିହରନ୍ତି।।୨୯।।

(ତଳାତଳର ତଳେ ରହିଛି ମହାତଳ। ସେଠାରେ କଦ୍ରୁଙ୍କ ଠାରୁ ଉତ୍ପନ୍ନ ବହୁଫଣାଧାରୀ କ୍ରୋଧବଶ ନାମକ ସର୍ପ ସମୁଦାୟ ରହନ୍ତି। ସେହି ସର୍ପମାନଙ୍କ ମଧ୍ୟରେ କୁହକ, ତକ୍ଷକ, କାଳିୟ ଓ ସୁଷେଣ ଆଦି ହେଉଛନ୍ତି ମୁଖ୍ୟ। ସେମାନଙ୍କର ବିସ୍ତାରିତ ଫଣାମାନ ରହିଛି। ସେମାନେ ଭଗବାନ ବିଷ୍ଣୁଙ୍କର ବାହନ ପକ୍ଷୀରାଜ ଗରୁଡ଼ଙ୍କୁ ସର୍ବଦା ଭୟ କରନ୍ତି। ତଥାପି ବେଳେବେଳେ ନିଜର ସ୍ତ୍ରୀ, ପୁତ୍ର, ମିତ୍ର ଓ କୁଟୁମ୍ବ ଲୋକଙ୍କ ସହିତ ପ୍ରମତ୍ତ ହୋଇ ବିହାର କରିଥାନ୍ତି।)

ତତୋଽଧସ୍ତଦ୍ରସାତଳେ ଦୈତେୟା
ଦାନବାଃ ପଣୟୋ ନାମ
ନିବାତକବଚାଃ କାଳେୟା
ହିରଣ୍ୟପୁରବାସିନ ଇତି
ବିବୁଧପ୍ରତ୍ୟନୀକା ଉତ୍ପତ୍ତ୍ୟା
ମହୌଜସୋ ମହାସାହସିନୋ
ଭଗବତଃ ସକଳଲୋକାନୁଭାବସ୍ୟ
ହରେରେବ ତେଜସା
ପ୍ରତିହବଳାବଲେପା
ବିଳେଶୟା ଇବ ବସନ୍ତି ଯେ ବୈ
ସରମୟେନ୍ଦ୍ରଦୂତ୍ୟା।
ବାଗଭିର୍ମନ୍ତ୍ରବର୍ଣ୍ଣାଭିରିନ୍ଦ୍ରାଦ୍ ବିଭ୍ୟତି
।।୩୦।।

(ମହାତଳ ତଳକୁ ରସାତଳରେ ଫଣି ନାମକ ଦୈତ୍ୟ ଓ ଦାନବମାନେ ରହନ୍ତି। ସେମାନଙ୍କୁ ନିବାତକବଚ, କାଳେୟ ଓ ହିରଣ୍ୟପୁରବାସୀ ବୋଲି ମଧ୍ୟ କୁହାଯାଏ। ସେମାନେ ଦେବତାମାନଙ୍କୁ ବିରୋଧ କରିବା ସହ ଜନ୍ମବେଳରୁ ହିଁ ବଡ଼ ବଳବାନ୍ ଓ ସାହସୀ ହୋଇଥାନ୍ତି। କିନ୍ତୁ ସକଳ ଲୋକରେ ନିଜର ପ୍ରଭାବ ବିସ୍ତାର କରିଥିବା ପ୍ରଭୁ ଶ୍ରୀହରିଙ୍କ ତେଜରେ ସେମାନଙ୍କର ସବୁ ବଳାଭିମାନ ଚୂର୍ଣ୍ଣ ହୋଇଯାଏ। ତେଣୁ ସେମାନେ ସାପଙ୍କ ପରି ଲୁଚିଛପି ରହନ୍ତି ଏବଂ ଇନ୍ଦ୍ରଙ୍କର ଦୂତୀ ସରମା କହିଥିବା ମନ୍ତ୍ରବର୍ଣ୍ଣରୂପ ବାକ୍ୟଞ୍ଚ ହେତୁ ସର୍ବଦା ଇନ୍ଦ୍ରଙ୍କୁ ଡରୁଥାନ୍ତି।) **(କ୍ରମଶଃ)**

# ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନମ୍



**ବିଜୟ କୁମାର ପୃଷ୍ଟି**
**ସମ୍ପାଦକ, ନିରାମୟ,**
**କଟକ,**
**ମୋ-୯୮୬୧୪୬୪୯୩୨**

ଏବେ ନିକଟରେ ଭାରତର ବିଭିନ୍ନ ସ୍ଥାନରେ 'ଜାତୀୟ ଡାକ୍ତର ଦିବସ' ପାଳିତ ହୋଇଯାଇଛି, ଇଲେକ୍ଟ୍ରିକ ଏବଂ ପ୍ରିଣ୍ଟ ମିଡ଼ିଆରୁ ଏହାର ସାରମର୍ମ ବୁଝି ପାରିଥିବେ। ତତ୍ ସହିତ ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ଆନୁକୂଲ୍ୟରେ ଏକ ଦିନିକିଆ ସାମଗ୍ରୀକ ସ୍ୱାସ୍ଥ୍ୟସେବା ସମ୍ମିଳନୀ ମଧ୍ୟ ଭୁବନେଶ୍ୱରସ୍ଥ ସାଇ ଜନନୀ ହଲରେ ପାଳିତ ହୋଇ ବହୁ ଡାକ୍ତରଙ୍କୁ ସମ୍ମାନିତ କରାଯାଇଛି। କାରଣ ସାଧାରଣ ଭାବେ ଆମେ ସ୍ୱତଃ ଭାବୁ 'ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ'।

ଆପଣମାନେ ଜାଣିଥିବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (W.H.O.)ର ଘୋଷଣା ଅନୁଯାୟୀ ପ୍ରକୃତ ସ୍ୱାସ୍ଥ୍ୟର ସଂଜ୍ଞା ହେଉଛି କେବଳ ରୋଗ ବିହୀନ ଶରୀର ସୁସ୍ଥତା ହିଁ ବରଂ ଶରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟର ସମାହାର ହିଁ ପ୍ରକୃତ ସ୍ୱାସ୍ଥ୍ୟ। ଏହା ପ୍ରକୃତିଦତ୍ତ। ଅମୃତସ୍ୟ ପୁତ୍ରାଃ। ପ୍ରକୃତିର ପାଞ୍ଚ ମହାଭୂତରେ ଆମ ଶରୀର ଗଠିତ ଏବଂ ଏହି ପଞ୍ଚ ମହାଭୂତ ଦ୍ୱାରା ହିଁ ଶରୀରର ରୋଗ ଉପଶମ ସମ୍ଭବ। ଅର୍ଥାତ୍ ପ୍ରକୃତିର ନିୟମାଯାୟୀ ଜୀବନଯାପନ କଲେ ହିଁ ଏକ ନିରାମୟ ଜୀବନ ସମ୍ଭବ ହୋଇଥାଏ।

ଆମ ସରକାରଙ୍କ କାର୍ଯ୍ୟକଳାପକୁ ଟିକିଏ ଦେଖିବା ଭାରତୀୟ ଭେଷଜ ଓ ହୋମିଓପାଥି (Indian System of Medicine and Homocopathy) ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଏହି ବିଭାଗଟି ଥିଲା ଏକ ପ୍ରକାର ସ୍ଥାଣୁ। ୨୦୦୪ ମସିହାରେ ସ୍ୱର୍ଗତଃ ସୁଷମା ସ୍ୱରାଜଙ୍କ ପ୍ରଚେଷ୍ଟାରେ ଏହାକୁ ଏକ ଆୟୁଷ ବିଭାଗ କରାଗଲା ଏବଂ କାଳକ୍ରମେ ଏହା ଏକ ସ୍ୱତନ୍ତ୍ର ଆୟୁଷ ମନ୍ତ୍ରାଳୟର ରୂପ ନେଲା। ଆଧୁନିକ ସ୍ୱାସ୍ଥ୍ୟ ସେବାର ଏକ ଏକ ବିକଳ୍ପ ଚିକିତ୍ସାରେ ପ୍ରମାଣିତ ହେଲା। ଯାହା କି ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଲା ଏବଂ ରୋଗର ମୂଳ କାରଣଟି ଲୋପ ପାଇବାରୁ ସେ ରୋଗଟି ମୂଳୋତ୍ପାଟନ ହୋଇଗଲା। ସମୟ କ୍ରମେ ଏହି ଚିକିତ୍ସା ଆଦର ପାଇଲା। ଆମ୍ଭମାନଙ୍କର ଏହି ଆୟୁଷ ବିଭାଗ ବିଷୟରେ ସମ୍ୟକ ଧାରଣା ହେବା ଦରକାର ଯାହାକୁ ବର୍ତ୍ତମାନ ସରକାର ଅଧିକ ପ୍ରୋତ୍ସାହିତ କରୁଛନ୍ତି। AYUSH - A yurveda, Y Yogo & Naturepathy, U-Unani, S-Siddha and H-Homoeopahty । ଏହି ଆୟୁଷ ଚିକିତ୍ସା ପଦ୍ଧତି ହେଉଛି ଆଧୁନିକ ଚିକିତ୍ସା ପଦ୍ଧତିର ଏକମାତ୍ର ବିକଳ୍ପ। ଚିକିତ୍ସା ପଦ୍ଧତି ହେଉଛି ଭାରତର ବହୁ ପୁରାତନ ଏବଂ ଆମ ବେଦ ବେଦାନ୍ତର ପ୍ରାଞ୍ଜଳ ଭାବେ ଲିଖିତ ଅଛି। ଆୟୁର୍ବେଦରେ ରହିଛି ପଥି ଉପଯୁକ୍ତ ଖାଦ୍ୟ ହେଉଛି ଔଷଧ ହେଉଛି ପଥି। ମୋଟାମୋଟି କହିବାକୁ ଗଲେ ଆଧୁନିକ ଚିକିତ୍ସାର ଏକମାତ୍ର ବିକଳ୍ପ ହେଲା ଆୟୁଷ ଚିକିତ୍ସା।

ଆଧୁନିକ ଚିକିତ୍ସା ପଦ୍ଧତି (Modern Medicine) ସାରା ବିଶ୍ୱରେ ବିଭିନ୍ନ ପରୀକ୍ଷାଗାରରେ ବୈଜ୍ଞାନିକ ମତ ସ୍ୱୀକୃତିପ୍ରାପ୍ତ ଔଷଧ ଯାହା ବହୁ ବଡ଼ ବଡ଼ ରୋଗର ଉପଶମ କରିପାରିବ। ତେଣୁ ସାରା ମନୁଷ୍ୟ ସମାଜରେ ଏହା ବହୁଳ ଭାବର ଆଦୃତ। ସେଥିପାଇଁ ଡାକ୍ତର ମାନଙ୍କୁ କୁହାଯାଏ ଦ୍ୱିତୀୟ ଭଗବାନ। କିନ୍ତୁ ଏଇଠି ଏକ ରହସ୍ୟ ରହିତ ରୋଗର ମୂଳକାରଣକୁ ଦମନ ନକରି କେବଳ ରୋଗର ପ୍ରଭାବକୁ ଭଲ କରିଦିଏ, ଯାହାକି ଆୟୁଷ ଚିକିତ୍ସା ଦ୍ୱାରା ରୋଗର ମୂଳକାରଣ ବାହାର କରି ତାହା ହିଁ ନଷ୍ଟ କରି ଦିଆଯାଏ। ଆପଣ ମାନଙ୍କୁ ମନେ ପକାଇ ଦେବାକୁ ଚାହେଁ ହୁର ୨୦୧୧ ଘୋଷଣାନୁଯାୟୀ "The Higher Antibiotic will not work today and not cure tomorrow". ଅର୍ଥାତ୍ ଦିନେ ଯେଉଁ ପେନସିଲିନ ଇଞ୍ଜେକ୍ସନକୁ ଜୀବନ ରକ୍ଷାକାରୀ ଔଷଧ ବୋଲି କୁହାଯାଉଥିଲା ତାହା ଆଜି ମନୁଷ୍ୟ ଶରୀରର ରୋଗ ଉପଶମ କରିପାରୁ ନାହିଁ। ଅର୍ଥାତ୍ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଉଛି। ଫଳରେ ରୋଗ ଆକ୍ରମଣ କରୁଛି। ଏହାର ଏକମାତ୍ର କାରଣ ହେଲା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ଔଷଧ ସେବନ କରିବା ସହ ପ୍ରତ୍ୟହ ନିଜ ଜୀବନଶୈଳୀରେ ପରିବର୍ତ୍ତନ କରିବା ଅର୍ଥାତ୍ ପ୍ରାକୃତିକ ଜୀବନଶୈଳୀରେ ଜୀବନଯାପନ କଲେ ନିରାମୟ ଜୀବନ ସମ୍ଭବ ହୋଇ ପାରିବ। ସେଥିପାଇଁ ଅଛି ଶରୀରର ସୁସ୍ଥତା ପାଇଁ ସାମଗ୍ରୀକ ଚିକିତ୍ସା ସେବାର ଆବଶ୍ୟକତା ଅଛି।

ଆପଣ ଦୈନିକ ଖବର କାଗଜ ପଢ଼ନ୍ତୁ, ରେଡ଼ିଓ ଶୁଣନ୍ତୁ କିମ୍ବା ଟେଲିଭିଜନ ଦେଖନ୍ତୁ ସବୁର ମୂଳ ହେଲା ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ କେବଳ ଦୈନନ୍ଦିନ ପ୍ରାକୃତି ଜୀବନ ଶୈଳୀର ଅଭ୍ୟାସର ଆବଶ୍ୟକତା ରହିଛି। ତାହା ହେଲେ ଏ ପ୍ରାକୃତିକ ଜୀବନ ଶୈଳୀ କ'ଣ? ଆୟୁଷ ଚିକିତ୍ସା ପଦ୍ଧତି ଅନୁସାରେ ଏଶରୀର ସୃଷ୍ଟି ହେଉଛି ପଞ୍ଚ ମହାଭୂତର ଏବଂ ଏହାର ଚିକିତ୍ସା ମଧ୍ୟ ଏହି ପଞ୍ଚ ମହାଭୂତ (କ୍ଷୀତ, ଅପ୍, ତେଜ, ମରୁତ, ବୋମ, ମାଟି, ପାଣି, ଅଗ୍ନି, ପବନ ଓ ଆକାଶ) ମାଧ୍ୟମରେ ହେଲେ ଶରୀର ସୁସ୍ଥ ରହିବ। ପ୍ରତ୍ୟହ ବ୍ରାହ୍ମମୁହୂର୍ତ୍ତର ଶଯ୍ୟାତ୍ୟାଗ କରି ଭଗବାନଙ୍କୁ ପ୍ରାର୍ଥନା କରି ନିତ୍ୟକର୍ମ ସାରିବା ଉଚିତ। ଏହି ସମୟରେ ସ୍ନାନ କଲେ ତାହା ଅମୃତ ପାନ ସହ ସମାନ ହୋଇଯାଏ। ଶରୀରରକୁ ରକ୍ତ ସଂଞ୍ଚଳନକୁ ସନ୍ତୁଳନ କରିବାର ଶରୀର ସମସ୍ତ ଗଣ୍ଠିକୁ ସଚଳ କରିବାକୁ ହେଲେ ପ୍ରାତଃ ଭ୍ରମଣ, ଦୌଡ଼କୁଦ, ସାଇକେଲ ଚଳାଇବା ଇତ୍ୟାଦି ଏବଂ ସର୍ବୋତ୍କୃଷ୍ଟ ବ୍ୟାୟାମ ହେଉଛି ଯୋଗାଭ୍ୟାସ କରିବା ଏକାନ୍ତ ଆବଶ୍ୟକ। ଯୋଗାଭ୍ୟାସ ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ସବଳ ହେବା ସହ ନିଶ୍ୱାସ ପ୍ରଶ୍ୱାସର ଗତି ନିୟନ୍ତ୍ରିତ ସହ ଅମ୍ଳଜାନ ମିଳିଥାଏ। ଅନ୍ତର୍ମନ ପ୍ରଫୁଲ୍ଲିତ ହୁଏ, ପ୍ରକୃତିର ନିୟମ ହିତଭୁକ, ଋତୁଭୁକ ଏବଂ ମିତଭୁକ ଅନୁସାରେ ହିତକର ଖାଦ୍ୟ, ଋତୁ ଜାତୀୟ ଫଳମୂଳ ଏବଂ ପନିପରିବା ଏବଂ ଖାଦ୍ୟର ମିତ ବ୍ୟୟିତା ହେଲେ ଶରୀରର ଗଠନ ଠିକ ହୁଏ। ଉପଯୁକ୍ତ ଖାଦ୍ୟସାର ମିଳିଥାଏ। ଫଳରେ ମସ୍ତିଷ୍କକୁ ସଠିକ ରକ୍ତ ସଞ୍ଚାଳନ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଏଥି ସହିତ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଗ୍ରହଣର ମହତ୍ତ୍ୱ ରହିଛି। ନିଜ କର୍ମ କ୍ଷେତ୍ରରେ ସକରାତ୍ମକ ଭାବରେ ସମସ୍ତ କର୍ମକୁ ସୂଚାରୁରୂପେ ସଂପାଦନ କରିବା ଦ୍ୱାରା ମନରେ ବିଷାଦ ଭାବ କିମ୍ବା ହତାଶ ଭାବ ରହେନାହିଁ। ମନରେ ଶାନ୍ତି ଆସେ। ନିର୍ଦ୍ଦିଷ୍ଟ ସମୟର ବିଛଣା ତ୍ୟାଗ ଏବଂ ବିଛଣା ଗ୍ରହଣ ମଧ୍ୟ ଅତ୍ୟନ୍ତ ଜରୁରୀ। ଅର୍ଥାତ୍ ରାତି ୭/୮ ଘଣ୍ଟା ସୁଖନିଦ୍ରା ହେଉଛି ସ୍ୱାସ୍ଥ୍ୟର ଚାବିକାଠି। ସବୁବେଳେ ହସ ହସ ମୁହଁ ରହିବା ଏକ ମୂଲ୍ୟବାନ ଟନିକ। ଜଣେ ଡାକ୍ତରଙ୍କ ଭାଷାରେ ଔଷଧରେ କିଛି ଖୁସି ନଥାଏ ବରଂ ହସଖୁସି ହେଉଛି ଉତ୍କୃଷ୍ଟ ଔଷଧ ତେଣୁ ଆଜି ଉପଯୁକ୍ତ ସମୟ ଆସିଛି ଆମେ ଆମ ଶରୀରର ଯତ୍ନ ନେବା ଆମର ପ୍ରଥମ କର୍ତ୍ତବ୍ୟ। ତାହାହେଲେ ଯାଇ ଏକ ସୁସ୍ଥ ଶରୀର ପାଇବ - ଶରୀରଂ ଆଦ୍ୟଂ ଖଳୁ ଧର୍ମ ସାଧନମ୍।

# ଏନଏଫଏସର ଅପପ୍ରୟୋଗ



**ଅଧ୍ୟାପକ ଗୋପବନ୍ଧୁ**
**(ଅବସରପ୍ରାପ୍ତ), ଦର୍ଶନ ବିଭାଗ**
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସଂରକ୍ଷଣ ବ୍ୟବସ୍ଥା ସମାଜରେ ତଳେ ପଡିଥିବା ଅବହେଳିତ ଓ ଅନଗ୍ରସର ଜାତିସମୂହର କ୍ଷିପ୍ର ବିକାଶ ପାଇଁ ଉଦ୍ଦିଷ୍ଟ। ଏହା ସମତାଭିତ୍ତିକ ସମାଜ ଗଠନ ଓ ସମାନ ଭାଗିଦାରୀର ଅବସର ତିଆରି କରେ। ଏପରି ଏକ ମହାନ ବ୍ୟବସ୍ଥାର ସଫଳତା ସକାରାତ୍ମକ ଆଭିମୁଖ୍ୟ ଉପରେ ନିର୍ଭର କରେ। ଯେଉଁମାନଙ୍କ ହାତରେ ଏହାକୁ କର୍ଯ୍ୟକାରୀ କରିବା ଦାୟିତ୍ୱ, ସେମାନେ ଆନ୍ତରିକତାର ସହିତ ଏ ଦାୟିତ୍ୱ ପାଳନ କଲେ ଏହାର ସୁଫଳ ଦୃଷ୍ଟିଗୋଚର ହୁଏ। ଅନେକ ସମୟରେ ଦେଖାଯାଏ ଏ ବ୍ୟବସ୍ଥାର ସଠିକ କର୍ଯ୍ୟକାରୀ ହୁଏ ନାହିଁ। ବିଭିନ୍ନ ଆଳରେ ସଂରକ୍ଷିତ ବର୍ଗଙ୍କୁ ସଂରକ୍ଷଣ ଲାଭ ପାଇବାରୁ ବଞ୍ଚିତ କରାଯାଏ। ଚାକିରି କ୍ଷେତ୍ରରେ ବିଭିନ୍ନ ବର୍ଗର ନିର୍ଦ୍ଧାରିତ ସଂରକ୍ଷଣ ହାରଠାରୁ କମ୍ ଆସନ ଦେବା, କାରିଗରୀ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ତଦ୍ରୂପ କମ୍ ଆସନ ଦେବାର ଅଭିଯୋଗ ଅନେକ ଆସିଛି। ଅନେକ ରାଜ୍ୟରେ ଏହା ଏକ ସାଧାରଣ ଘଟଣା। ଉତ୍ତର ଭାରତର ରାଜ୍ୟ ମାନଙ୍କରେ ଏପରି ଘଟଣା ଅଧିକ। ଅନେକ ସମୟରେ ଏହା ପଛରେ ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ହାତ ଥାଏ। ବିରୋଧୀଙ୍କ ମଧ୍ୟ ନୀରବ ସମର୍ଥନ ଥାଏ। ନିଯୁକ୍ତିରେ ଜାତିଗତ ବାଛବିଚାରର ମୁଖ୍ୟଅସ୍ତ୍ର ସାଜିଛି 'ନଟ ଫାଉଣ୍ଡ ସୁଇଟେବୁଲ'(ଏନଏଫଏସ), ଅର୍ଥାତ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ। ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଏହା ସ୍ପଷ୍ଟ ପରିଲକ୍ଷିତ ହୁଏ। ଫଳରେ ଅନଗ୍ରସର ବର୍ଗ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗମାନେ ଖୁବକମ୍ ସ୍ଥାନରେ ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦରେ ଅଛନ୍ତି। ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୩୮ ଟିରେ ଅଗ୍ରସର ଜାତିର ଲୋକମାନେ ଭିସି ଅଛନ୍ତି, ଅବଶିଷ୍ଟ ୭ ଟିରେ ଅନଗ୍ରସର ବର୍ଗର(୧ ଟିରେ ଦଳିତ, ୧ ଟିରେ ଆଦିବାସୀ ଓ ୫ ଟିରେ ଅନ୍ୟାନ୍ୟ ପଛୁଆବର୍ଗର ଲୋକ ରହିଛନ୍ତି)। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରଫେସର ପଦରେ ୬.୯% ଦଳିତ, ୧.୫% ଆଦିବାସୀ ଓ ୪.୧% ଓବିସି ଅଛନ୍ତି। ସହଯୋଗୀ ପ୍ରଫେସର ପଦରେ ମଧ୍ୟ ସମାନ ଅବସ୍ଥା। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଦେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଚିତ୍ର ପାଖାପାଖି ସମାନ। ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଜାତିଗତ ପାତରଅନ୍ତର କରା ଯାଉଥିବାର ଅଭିଯୋଗ ହୋଇଆସିଛି। ଏହାର ମୁଖ୍ୟ ଅସ୍ତ୍ର ବନିଛି ଯୋଗ୍ୟ ପ୍ରାର୍ଥୀର ଅଭାବ(ଏନଏଫଏସ) ଜନିତ ରିପୋର୍ଟ। ୟୁଜିସି ତଥ୍ୟ ଅନୁଯାୟୀ ପ୍ରଫେସର ପଦରେ ସଂରକ୍ଷିତ ବର୍ଗର ଅନୁମୋଦିତ ପଦରୁ ୮୦% ଓବିସିଙ୍କ, ୮୩% ଏସଟିଙ୍କ ଓ ୬୪% ଏସସିଙ୍କ ଫାଙ୍କା ରହିଛି। ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନ ପରିସ୍ଥିତି। ଓଡିଶାର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ତଦ୍ରୂପ ଅବସ୍ଥା ଦେଖିବାକୁ ମିଳେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦପଦବୀ ଚୟନ ପ୍ରକ୍ରିୟାରେ ମଧ୍ୟ ଏନଏଫଏସର ପ୍ରୟୋଗ ହୁଏ। କେନ୍ଦ୍ରୀୟ ନିଯୁକ୍ତି କ୍ଷେତ୍ରରେ ଆଇଏଏସ ଓ ଆଇପିଏସକୁ ସର୍ବୋଚ୍ଚ ଚାକିରି ଭାବେ ବିବେଚନା କରାଯାଏ। ଏହା ବାଦେ ଅନ୍ୟାନ୍ୟ ପ୍ରଥମ ଶ୍ରେଣୀ ନିଯୁକ୍ତି ମଧ୍ୟ ରହିଛି। ସାମ୍ବିଧାନିକ ଭାବେ ଏ ସମସ୍ତ କ୍ଷେତ୍ରରେ ଏସଟିଙ୍କ ପାଇଁ ୭.୫%, ଏସସିଙ୍କ ପାଇଁ ୧୫% ଓ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ଏଯାଏଁ ଆଇଏଏସ କ୍ଷେତ୍ରରେ ଏସଟିମାନଙ୍କୁ ୧.୨୦%, ଏସସିମାନଙ୍କୁ ୨.୪୨% ଓ ଓବିସିମାନଙ୍କୁ ୪.୩୯% ସ୍ଥାନ ପୂରଣ କରିବାକୁ ଦିଆଯାଇଛି। ସେହିପରି ଆଇପିଏସ କ୍ଷେତ୍ରରେ ଏସସିମାନେ ୩.୦୬%, ଏସଟିମାନେ ୧.୫୪% ଓ ଓବିସିମାନେ ୫.୫୦% ସ୍ଥାନରେ ଅଛନ୍ତି। କେନ୍ଦ୍ରସରକାରଙ୍କ ୮୫ ଜଣ ସଚିବଙ୍କ ମଧ୍ୟରୁ ଜଣେ ଏସସି, ତିନି ଜଣ ଏସଟି ଓ ଓବିସିରୁ କେହି ନାହାଁନ୍ତି। ଅନ୍ୟ ସମସ୍ତେ ସାଧାରଣ ବର୍ଗର। ଅନ୍ୟାନ୍ୟ ଚାକିରି କ୍ଷେତ୍ରରେ ଏସଟି ଓ ଏସସିମାନେ ନିର୍ଦ୍ଧାରିତ ହାର ପାଖାପାଖି ପ୍ରତିନିଧିତ୍ୱ କରୁଛନ୍ତି, କିନ୍ତୁ ୫୨% ଓବିସି ମାତ୍ର ୧୯.୧୪% ସ୍ଥାନରେ ପ୍ରତିନିଧିତ୍ୱ କରୁଛନ୍ତି। ଆମ ରାଜ୍ୟରେ ମଧ୍ୟ ସମାନ ଅବସ୍ଥା। ଓଡିଶା ସରକାର ଜାଣିଶୁଣି ଏଦିଗରେ ପରିସଂଖ୍ୟାନ ସଂଗ୍ରହ କରି ନାହାଁନ୍ତି। ଫଳରେ ଏହି ବର୍ଗର ଲୋକମାନେ ଅନ୍ଧାରରେ ଅଛନ୍ତି। ଏଦିଗରେ ତଥ୍ୟ ସାର୍ବଜନୀନ ଭାବେ ଉପଲବ୍ଧ ହେବା ଉଚିତ୍। ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷାରେ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଜାଣିଶୁଣି କମ୍ ନମ୍ବର ଦିଆଯିବାର ଅଭିଯୋଗ ହୁଏ। ଶିକ୍ଷା ଜୀବନ ପ୍ରାରମ୍ଭରୁ ଏକଥା ଚାଲେ। ସମସ୍ତ ଶିକ୍ଷକ ସମାନ ନୁହଁନ୍ତି। ଅନେକେ ନମ୍ବର ଦେବାରେ ବି ପାତର ଅନ୍ତର ମନୋଭାବ ପୋଷଣ କରନ୍ତି। ପ୍ରାତଃ ଭ୍ରମଣ ସମୟରେ ମୋର ଜଣେ ବନ୍ଧୁ ଦିନେ ଗର୍ବର ସହିତ କହୁଥିଲେ ଯେ ତାଙ୍କ କକା ହାଇସ୍କୁଲ ଖାତା ଦେଖା ସମୟରେ ଦୁଇଟି କଲମ ରଖୁଥିଲେ। ଗୋଟିଏ ନମ୍ବର ଦେବାପାଇଁ ନାଲି ଓ ଅନ୍ୟଟି ବ୍ଲୁ। କୌଣସି ଅସବର୍ଣ୍ଣ ଜାତିର ପିଲା ଖାତା ଆସିଲେ ସେ ଦୁଇଚାରି ପୃଷ୍ଠା ବ୍ଲୁ ପେନରେ କାଟି ଦେଉଥିଲେ। ତାଙ୍କ ଯୁକ୍ତିଥିଲା ମୂଳୁ ମାରିଦେଲେ ସବୁ ସରିବ। ଆଉଥରେ ଜଣେ ଅଧ୍ୟାପିକା କହୁଥିଲେ ଏହି ତଳସ୍ତରର ଲୋକମାନେ ପାଠ ପଢି ଯଦି ଚାକିରି କରିବେ ତେବେ ଆମ ପିଲାମାନେ କୁଆଡେ ଯିବେ। ମୋର ଜଣେ ସମ୍ପର୍କୀୟ ଭାଇ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ କଲାପରେ ଉଚ୍ଚଶିକ୍ଷା ପାଇଁ ପ୍ରଧାନ ଶିକ୍ଷକଙ୍କ ପରାମର୍ଶ ନେବା ପାଇଁ ତାଙ୍କ ବାପାଙ୍କୁ ପଠାଇଲେ। ସେ ପରାମର୍ଶ ଦେଲେ ଆଉ ଅଧିକ ପଢ଼ାଇବ କାହିଁକି। ହଳେ ବଳଦ କିଣିଦିଅ ଚାଷ କରିବ କିମ୍ବା କେଉଁଠାରେ ପିଅନ ଚାକିରି ପାଇଁ ଚେଷ୍ଟା କର। ପରେ ସେ ପାଠପଢି ଜଣେ ସ୍ୱନାମଧନ୍ୟ ଡାକ୍ତର ହୋଇଥିଲେ। ଏପରି ମାନସିକତା ଏବେବି ପ୍ରବଳ ରହିଛି। ଏହା ଏନଏଫଏସ ପ୍ରୟୋଗର ପୁରୁଣା ଫର୍ମୁଲା। ମୂଳରୁ ପ୍ରତିଯୋଗିତାକୁ ନଗଲେ ଏନଏଫଏସ ପ୍ରୟୋଗ କରିବାର ଅବକାଶ ରହିବ ନାହିଁ। ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଆଙ୍ଗୁଠି କାଟି ତାର ମେଧାକୁ ନଷ୍ଟ କରିବା କଥା ସମସ୍ତେ ଜାଣିଛୁ। ତାର ଦୋଷଥିଲା ଯେ କ୍ଷତ୍ରିୟ ନଥିଲା ସେ ଆଦିବାସୀ ଥିଲା। ସେ ଚାହୁଁଥିଲେ ଅର୍ଜୁନ ତୁଲ୍ୟ ଧନୁର୍ଦ୍ଧର ଆଉ କେହି ନରହନ୍ତୁ। ସେ ସମୟରେ ଗୁରୁକୂଳମାନଙ୍କରେ କେବଳ ସବର୍ଣ୍ଣମାନଙ୍କୁ ଶିକ୍ଷାଦାନ ଦିଆଯାଉ ଥିଲା। ରାମାୟଣରେ ଶମ୍ବୁକ ମୁନୀଙ୍କ ହତ୍ୟା ଅନ୍ୟ ଏକ ଉଦାହରଣ। ତାଙ୍କ ଦୋଷଥିଲା ସେ ଶୂଦ୍ର ଥିଲେ। ଯାହାଙ୍କ ଶିକ୍ଷାଲାଭ କରିବା ଓ ଜ୍ଞାନଚର୍ଚ୍ଚା କରିବା ଅଧିକାର ନଥିଲା। ହଜାର ହଜାର ବର୍ଷଧରି ଶୂଦ୍ର/ଅସବର୍ଣ୍ଣମାନଙ୍କୁ ପାଠ ପଢିବାର ଓ ଜ୍ଞାନଚର୍ଚ୍ଚା କରିବାର ଅଧିକାର ନଥିଲା। ଏମାନେ ବେଦ ପଢିବା ତ ଦୂରର କଥା ଏହାକୁ ଶୁଣିବା ପାଇଁ ମଧ୍ୟ ଯୋଗ୍ୟ ନଥିଲେ। ବେଦପାଠ କଲେ ଜିଭ କରିଦେବାର ଓ ଶୁଣିଲେ କାନରେ ଗରମ ସୀସା ଢାଳିଦେବାର ବ୍ୟବସ୍ଥା ଥିଲା। ସଂସ୍କୃତକୁ ଦେବଭାଷା କୁହାଯାଉଥିଲା। ଗୋଟିଏ ବର୍ଗର ଲୋକ ଏହା ପଢୁଥିଲେ, ଏହା ସାର୍ବଜନୀନ ନଥିଲା। ଏ ସମସ୍ତ ଯୋଗ୍ୟ ପ୍ରାର୍ଥୀର ଅଭାବ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା। ଉଦ୍ଦେଶ୍ୟ ଥିଲା ଗୋଟିଏ ସମାଜକୁ ଏପରି ବଞ୍ଚିତ କରାଯିବ ଯେ ସେମାନଙ୍କ ଭିତରୁ କେହି ଯୋଗ୍ୟ ପ୍ରାର୍ଥୀ ବାହାରିବେ ନାହିଁ। ଫଳରେ ଚୟନ ସମୟରେ ଏମାନେ ପ୍ରତିଯୋଗିତାକୁ ଆସିପାରିବେ ନାହିଁ। ଏହା ଏକ ପରୋକ୍ଷ ପ୍ରକ୍ରିୟା ଏନଏଫଏସର ଯଥାର୍ଥ୍ୟତା ପ୍ରମାଣ ପାଇଁ। ଯୋଗ୍ୟ ପ୍ରାର୍ଥୀର ଅଭାବ ବା ଏନଏଫଏସକୁ ନେଇ ବିବାଦ ତେଜିବାରେ ଲାଗିଛି। ଯୋଗ୍ୟ ପ୍ରାର୍ଥୀ ଚୟନ ବୋର୍ଡ଼ରେ ପ୍ରାୟତଃ ସବର୍ଣ୍ଣ ସଦସ୍ୟମାନେ ସଂଖ୍ୟାଧିକ ଥାଆନ୍ତି, କେତେକ କ୍ଷେତ୍ରରେ ସମସ୍ତେ ଥାଆନ୍ତି। ଏମାନଙ୍କ ମନରେ ଏକପ୍ରକାର ସାମାଜିକ ଚେତନା ରହିଛି ଯେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ କୋଉ କାମକୁ ନୁହଁନ୍ତି, ଏମାନେ ଅଯୋଗ୍ୟ। ଅନେକ ସମୟରେ ଜାଣିଶୁଣି ଏମାନଙ୍କୁ ଏପରି ପ୍ରଶ୍ନ କରନ୍ତି ଯାହା ଅତ୍ୟନ୍ତ ଜଟିଳ। ଅନ୍ୟପକ୍ଷରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କୁ ସହଜ ପ୍ରଶ୍ନ ପଚରା ଯାଏ। ଏହାବି ଦେଖାଯାଇଛି ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଖୁବ୍ ଭଲ ନମ୍ବର ରଖୁଥିବା ବେଳେ ମୌଖିକ ପରୀକ୍ଷାରେ କମ୍ ନମ୍ବର ପାଉଛନ୍ତି। ପକ୍ଷାନ୍ତରରେ ଲିଖିତ ପରୀକ୍ଷାରେ କମ୍ ନମ୍ବର ରଖିଥିବା ସାଧାରଣ ବର୍ଗର ପିଲା ମୌଖିକ ପରୀକ୍ଷାରେ ଅଧିକ ନମ୍ବର ରଖୁଛି। ଚୟନକର୍ତ୍ତାମାନଙ୍କ ଏନଏଫଏସ ପ୍ରୟୋଗ ପାଇଁ କୌଣସି ପ୍ରତିବନ୍ଧକ ନାହିଁ କିମ୍ବା ଇଚ୍ଛାକୃତ ପ୍ରୟୋଗ ପାଇଁ ଉତ୍ତରଦାୟୀ କରିବାର କୌଣସି ବ୍ୟବସ୍ଥା ନାହିଁ। ଏହାର ପ୍ରୟୋଗ ଅନାୟାସରେ ହୋଇଆସିଛି। ଫଳରେ ସଂରକ୍ଷିତ ବର୍ଗ ସଂରକ୍ଷଣ ହାର ମୁତାବକ ସ୍ଥାନ ପୂରଣ କରିପାରୁ ନାହାଁନ୍ତି। ଏହା ଦୁର୍ଭାଗ୍ୟଜନକ। ଏହା ଏକ ଯୋଜନାବଦ୍ଧ ସୋପାନ ଯେ ପ୍ରଥମେ ଏନଏଫଏସ ମାଧ୍ୟମରେ ସଂରକ୍ଷିତ ବର୍ଗର ଆସନକୁ ଫାଙ୍କା ରଖ ଓ ପରେ ଏହି ପଦବୀରେ ସାଧାରଣ ବର୍ଗର ପିଲାଙ୍କୁ ନିଯୁକ୍ତି ଦିଅ। ଏପରି କ୍ଷେତ୍ରରେ ସଂରକ୍ଷଣ ଏକ ପ୍ରହସନରେ ପରିଣତ ହୁଏ। ତେଣୁ ଅନେକ ସଂଗଠନ ଓ ରାଜନେତା ଏନଏଫଏସ ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା ଆରମ୍ଭ କରିଛନ୍ତି। ଏହାକୁ ସମ୍ପୂର୍ଣ୍ଣରୂପେ ହଟାଇ ଦିଆଯାଉ, ମୌଖିକ ପରୀକ୍ଷାକୁ ଉଠାଇ ଦିଆଯାଇ ଲିଖିତ ପରୀକ୍ଷା ଉପରେ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଉ ଅଥବା ଚୟନ କମିଟିରେ ସମସ୍ତ ବର୍ଗର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ରହୁ। ଏହା ସହିତ ଫାଙ୍କା ପଦବୀଗୁଡ଼ିକରେ ସାଧାରଣ ପ୍ରାର୍ଥୀଙ୍କୁ ନିଯୁକ୍ତି ନଦେଇ ସଂରକ୍ଷିତ ବର୍ଗ ପାଇଁ ତାହା ଉଦ୍ଦିଷ୍ଟ ରହୁ(ବେକ୍ ରୋଲ) ବୋଲି ଦାବି ହେଉଛି। ସମସ୍ତ କ୍ଷେତ୍ରରେ ଉଦ୍ଦିଷ୍ଟ ସଂରକ୍ଷଣ ହାରକୁ ପୂରଣ କରିବାର ପ୍ରୟାସ ହେଲେ ସଂରକ୍ଷଣ ବ୍ୟବସ୍ଥାର ଉପଯୋଗିତା ସ୍ପଷ୍ଟ ଉପଲବ୍ଧି ହୋଇପାରିବ ଓ ଅନଗ୍ରସର ସମାଜ ଆଗକୁ ବଢିବାର ସୁଯୋଗ ପାଇବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଅଗଷ୍ଟ ୨୦୨୬ ବୁଧବାର

# ଆଭା

# ସମୁଦ୍ର ତଳେ ମେଗା ସର୍ଚ୍ଚ ଅପରେସନ୍ ଆରମ୍ଭ

**ନୂଆଦିଲ୍ଲୀ,**
ସମୁଦ୍ରର ଅଥଳ ଗର୍ଭରେ ଲୁଚି ରହିଛି ବିଶାଳ ରହସ୍ୟ ! ଗଭୀର ସମୁଦ୍ରରୁ ଡାକ ପକାଉଛି ଇତିହାସ । ସମୁଦ୍ରର ଅନ୍ଧକାର ଗହ୍ୱରରେ, ଲହଡ଼ିମାନଙ୍କ ଛାତି ତଳେ ପୋତି ହୋଇ ରହିଛି ଭାରତର ସବୁଠାରୁ ବଡ଼ ପ୍ରାଚୀନ ରହସ୍ୟ । ମିଳିବ କି ଭଗବାନ ଶ୍ରୀକୃଷ୍ଣଙ୍କ ହଜିଯାଇଥିବା ସ୍ୱର୍ଣ୍ଣ ନଗରୀ 'ଦ୍ୱାରକା' ? ଏହି ରହସ୍ୟ ଖୋଜିବାକୁ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ବା ଏଏସ୍ଆଇ ଆରମ୍ଭ କରିଛି ଏକ ବଡ଼ ଅଣ୍ଡରୱାଟର ଆର୍କିଓଲୋଜି ମିଶନ୍ । ୨୦୩୦ ର ମେଗା ମିଶନ । ୨୦୩୦ ମସିହା ସୁଦ୍ଧା ସମୁଦ୍ରର ପେଟ ଚିରି ଖୋଜାଯିବ ଏକାଧିକ ପ୍ରାଚୀନ ସହର, ବନ୍ଦର ଏବଂ ଲୁକ୍କାୟିତ ସଭ୍ୟତା । କେଉଁଠି ଲୁଚି ରହିଛି ଏହି ସାମ୍ରାଜ୍ୟ ? ବିଶେଷଜ୍ଞଙ୍କ ନଜର ଏବେ ସମୁଦ୍ରର କିଛି ନିର୍ଦ୍ଦିଷ୍ଟ ଏବଂ ରହସ୍ୟମୟ ସ୍ଥାନ



ଉପରେ ରହିଛି । ଗୁଜୁରାଟର ଦ୍ୱାରକା ଓ ବେଟ୍ ଦ୍ୱାରକା, ତାମିଲନାଡୁର ମହାବଳୀପୁରମ୍ ଓ ପୁଡୁଚେରୀର କରାଇକଲ୍ । ଏହାଛଡ଼ା ବିଜୟଦୁର୍ଗ ଏବଂ ଜଞ୍ଜିରା ଭଳି ଦୁର୍ଗଗୁଡ଼ିକର ଜଳଜଳିଆ ଅଞ୍ଚଳରେ ମଧ୍ୟ ଚାଲିଛି ରହସ୍ୟର ସନ୍ଧାନ ।

ସବୁଠାରୁ ବଡ଼ ପ୍ରଶ୍ନ କ'ଣ ମିଳିବ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରକା ? 'ଦ୍ୱାରକା... ଯାହାକୁ କୁହାଯାଏ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ରାଜଧାନୀ। କଥାରେ ଅଛି, ଏହି ସ୍ୱର୍ଣ୍ଣ ନଗରୀ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିଲା ।' ବର୍ଷ ବର୍ଷ ଧରି ସମୁଦ୍ର ତଳୁ ଅଜଣା ପଥରର ଗଠନ, ପ୍ରାଚୀନ ନଗର ଏବଂ ବିସ୍ମୟକର ଅବଶେଷ ମିଳିବା ପରେ ବି, ବିଜ୍ଞାନ ଏପର୍ଯ୍ୟନ୍ତ ଏହାର ସତ୍ୟତା ଉପରୁ ପରଦା ହଟାଇ ପାରିନାହିଁ। ଏହି ଅଭିଯାନ କେବଳ ଏକ ବୈଜ୍ଞାନିକ ସନ୍ଧାନ ନୁହେଁ, ବରଂ ଏହା ଆସ୍ଥା ଏବଂ ଇତିହାସର ଏକ ମହାମିଳନ, ଯାହା ଦିନେ ପରଦା ଉଠାଇପାରେ ସେହି ମହାସତ୍ୟ ଉପରୁ । ସମୁଦ୍ର ତଳେ କ'ଣ ଖୋଜୁଛନ୍ତି ବୈଜ୍ଞାନିକମାନେ ? ଆଧୁନିକ ଟେକ୍ନୋଲୋଜି, ସୋନାର ମ୍ୟାପିଂ ଏବଂ ଅତ୍ୟାଧୁନିକ ଗବେଷଣା ଜରିଆରେ ବୈଜ୍ଞାନିକମାନେ ପାଣି ତଳେ ଅନ୍ୱେଷଣ କରୁଛନ୍ତି । କୌଣସି ପ୍ରାଚୀନ ଜଳମଗ୍ନ ନଗର କିମ୍ବା ବସ୍ତିର ଅବଶେଷ । ହଜିଯାଇଥିବା ବନ୍ଦର, ପ୍ରାଚୀନ ଜାହାଜର ଭଗ୍ନାବଶେଷ ଏବଂ ରହସ୍ୟମୟ କଳାକୃତି । ଏହି ମିଶନ ପାଇଁ ବିଶେଷଜ୍ଞମାନଙ୍କୁ ଅଣ୍ଡରୱାଟର ପୁରାତତ୍ତ୍ୱରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି । ଏହି ବିଶାଳ ଦ୍ୱାରକା ନଗରୀ ସନ୍ଧାନରେ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି କେନ୍ଦ୍ର ସରକାର ? ଏହି ବିରାଟ ମିଶନ ପାଇଁ ସରକାର ଖୋଲା ହାତରେ ଅର୍ଥ ମଞ୍ଜୁର କରିଛନ୍ତି । ଏଏସ୍ଆଇର ଅଣ୍ଡରୱାଟର ୱିଙ୍ଗ୍ ପାଇଁ ଲକ୍ଷାଧିକ ଟଙ୍କାର ବଜେଟ୍ ଖର୍ଚ୍ଚ କରାଯାଉଛି । ତାମିଲନାଡୁ ସରକାର କେବଳ ଭୂମି ଓ ସମୁଦ୍ର ଖନନ ପାଇଁ ଅତିରିକ୍ତ ୭ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ଏଥିସହ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓସିଆନୋଗ୍ରାଫି' ମଧ୍ୟ ଏହି ରହସ୍ୟ ଭେଦ କରିବାରେ ଜୋରସୋରରେ ଲାଗିପଡ଼ିଛି । ୨୦୩୦ ପରେ କ'ଣ ବଦଳିଯିବ ଇତିହାସର ପୃଷ୍ଠା ? ଯଦି ଏହି ଅଭିଯାନ ସଫଳ ହୁଏ, ତେବେ ଭାରତର ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟ ଏବଂ ହଜିଯାଇଥିବା ସଭ୍ୟତା ସମ୍ପର୍କରେ ଏପରି କିଛି ସତ୍ୟ ସାମ୍ନାକୁ ଆସିବ, ଯାହା ପୂର୍ବର କୌଣସି ଇତିହାସ ବହିରେ ନାହିଁ । ଦ୍ୱାରକାରୁ ଆରମ୍ଭ କରି ମହାବଳିପୁରମ୍ ପର୍ଯ୍ୟନ୍ତ, ସମୁଦ୍ରର ଲହରୀ ଗଭୀରତା ଲୁଚିଥିବା ରହସ୍ୟକୁ ଅପେକ୍ଷା କରିଛି ସାରା ଦେଶ।

## ସନାତନ ଧର୍ମରେ 'ଦେବତା' ଏବଂ 'ଭଗବାନ'ଙ୍କ ମଧ୍ୟରେ ବଡ଼ ପାର୍ଥକ୍ୟ



ସନାତନ ଧର୍ମ ଏବଂ ଆଧ୍ୟାତ୍ମିକ ପରମ୍ପରାରେ 'ଦେବତା' ଏବଂ 'ଭଗବାନ୍', ଏହି ଦୁଇଟି ଶବ୍ଦକୁ ଅନେକ ସମୟରେ ଏକାଭଳି ବ୍ୟବହାର କରାଯାଇଥାଏ । କିନ୍ତୁ ଶାସ୍ତ୍ର ଏବଂ ତତ୍ତ୍ୱଦୃଷ୍ଟିରୁ ବିଚାର କଲେ, ଉଭୟଙ୍କ ସ୍ଥିତି, ଭୂମିକା ଏବଂ ଶକ୍ତି ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି । ସାଧାରଣତଃ ଅଧିକାଂଶ ଲୋକ ଏହାକୁ ଏକା ବୋଲି ଭାବିଥାଆନ୍ତି, ଯାହାକି ସଂପୂର୍ଣ୍ଣ ସଠିକ୍ ନୁହେଁ । ଆସନ୍ତୁ ଜାଣିବା ଉଭୟଙ୍କ ମଧ୍ୟରେ ପ୍ରକୃତ ପାର୍ଥକ୍ୟ କ'ଣ ରହିଛି । ସନାତନ ସଂସ୍କୃତି ଅନୁଯାୟୀ, ଯେଉଁ ଦିବ୍ୟ ଏବଂ ଶକ୍ତିଶାଳୀ ପ୍ରାଣୀମାନଙ୍କୁ ପ୍ରକୃତିର ବିଭିନ୍ନ ତତ୍ତ୍ୱ ଓ ପରିଚାଳନାର ଦାୟିତ୍ୱ ମିଳିଥାଏ, ସେମାନଙ୍କୁ ଦେବତା କୁହାଯାଏ। ଦେବତାମାନଙ୍କୁ ପ୍ରକୃତିର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବିଭାଗର ଦାୟିତ୍ୱ ଦିଆଯାଇଥାଏ । ଯେପରିକି ଅଗ୍ନି ଦେବତାଙ୍କୁ ଉଷ୍ମତା, ବରୁଣ ଦେବତାଙ୍କୁ ଜଳ ଏବଂ ପବନ ଦେବତାଙ୍କୁ ବାୟୁର ଅଧିପତି ମାନାଯାଇଛି । ଭଗବାନ ହେଉଛନ୍ତି ଏହି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ, ପ୍ରକୃତି ଏବଂ ସମସ୍ତ ଜୀବଜଗତର ପ୍ରକୃତ ସ୍ରଷ୍ଟା, ପାଳକ ଏବଂ ନିୟନ୍ତା । ଯେଉଁ ପରମ ସତ୍ତାଙ୍କ ପାଖରେ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଶ୍ରୀ, ଜ୍ଞାନ ଏବଂ ବୈରାଗ୍ୟ ଏହି ଛୋଟି ବିଭୂତି ବା ଗୁଣ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ, ସେହି ହେଉଛନ୍ତି ଭଗବାନ। ଭୂମି, ଜଳ, ଅଗ୍ନି, ବାୟୁ ଓ ଆକାଶ ଏହି ପଞ୍ଚମହାଭୂତ ଯାହାଙ୍କୁ ନିୟନ୍ତ୍ରଣରେ ରଖିଥାଏ, ସେହି ସର୍ବୋଚ୍ଚ ଶକ୍ତି ହେଉଛନ୍ତି ଭଗବାନ । ଦେବତାମାନେ ମୋକ୍ଷ ଦେବାରେ ସକ୍ଷମ ନୁହଁନ୍ତି, କିନ୍ତୁ ଭଗବାନ୍ ଜୀବଙ୍କୁ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତ କରି ପରମ ମୋକ୍ଷ ପ୍ରଦାନ କରିଥାଆନ୍ତି । ସମସ୍ତ ଦେବତା ସେହି ପରମ ଭଗବାନଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ତାଙ୍କରି ଆଜ୍ଞାରେ କାର୍ଯ୍ୟ କରୁଥିବା ଦିବ୍ୟ ପ୍ରଶାସକ ଅଟନ୍ତି ।

# ଜୁଆଣୀର ଚମତ୍କାରୀ ଗୁଣ

ବର୍ତ୍ତମାନର ବ୍ୟସ୍ତବହୁଳ ଲାଇଫ୍ ଷ୍ଟାଇଲ୍ ଲୋକଙ୍କୁ ଅନେକ ରୋଗରେ ପକାଉଛି । ଘରେ ଘରେ ଏବେ ପେଟ ଗ୍ୟାସ୍ ଓ ବଦହଜମୀ ଭଳି ସମସ୍ୟା ଦେଖିବାକୁ ମିଳୁଛି। ଯାହା ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଫାଷ୍ଟଫୁଡ୍ ଓ ଜଙ୍କ ଫୁଡ ଖାଦ୍ୟର ଲୋଭ ଏସବୁ ସମସ୍ୟାର କାରଣ । ଏଥିପାଇଁ ମେଡିସିନ୍ ନଖାଇ ଏକ ଦେଶୀ ତରିକା ଆପଣାଇ ପାରିବେ । ଯାହା ଆମ ପ୍ରତ୍ୟକଙ୍କ ରୋଷେଇ ଘରେ ମହଜୁଦ୍ ଅଛି । ସେହିଭଳି ଏକ ଘରୋଇ ଉପଚାର ହେଉଛି ଜୁଆଣି । ଜୁଆଣିକୁ ସାଧାରଣତଃ ଆମେ ମସଲାରେ ବ୍ୟବହାର କରିଥାଉ । ଆଚାର ପ୍ରସ୍ତୁତିରେ ଜୁଆଣିର ରହିଛି ବଡ଼ ଭୂମିକା । ଏହା କେବଳ ରୋଷେଇ କାର୍ଯ୍ୟରେ ନୁହେଁ ବରଂ ଔଷଧ ଭାବରେ ମଧ୍ୟ କାମ କରେ । ଏହାକୁ ବ୍ୟବହାର କଲେ ଖାଦ୍ୟର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ । ଜୁଆଣିରେ ଭରପୁର ମାତ୍ରାରେ ପୋଷଣ ରହିଛି । ଜୁଆଣି ପାଣି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଆଖିକୁ



ଛୋଟ ଦିଶୁଥିବା ଏହି ଜୁଆଣି ଅନେକ ଗମ୍ଭୀର ସମସ୍ୟାରୁ ମୁକ୍ତି ଦେଇଥାଏ । ତେଣୁ ଏହାକୁ ନିୟମିତ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଏବେ ଆସନ୍ତୁ ଜାଣିବା ଜୁଆଣୀ ଖାଇବା ଦ୍ୱାରା କେଉଁ ସବୁ ରୋଗରୁ ମୁକ୍ତି ମିଳେ । ଏବଂ ଏହା କେଉଁ ସବୁ ପୋଷକତତ୍ତ୍ୱରେ ଭରପୁର । ଗ୍ୟାସ୍ ଓ ଏସିଡ଼ିଟିରୁ ମୁକ୍ତି ଦିଏ : ବଦହଜମୀ, ଗ୍ୟାସ,ଏସିଡିଟି ଓ ପେଟ ସମସ୍ୟାର ଅବ୍ୟର୍ଥ ଔଷଧ ହେଉଛି ଜୁଆଣୀ । ଏହାକୁ କେବଳ ପାଣିରେ ବତୁରାଇ ପିଇବା ଦ୍ୱାରା ଉପଶମ ମିଳିଥାଏ । ଯଦି ଅଧିକ ପେଟ ଖରାପ ତେବେ ଲୁଣ ସହ ଜୁଆଣୀ ମିଶାଇ ଚୋବାଇ ଖାଆନ୍ତୁ । ତୁରନ୍ତ ଆରାମ ମିଳିବ ।

ଶ୍ୱାସକ୍ରିୟା ସମସ୍ୟାରୁ ମୁକ୍ତି ଦିଏ : ଜୁଆଣୀରେ ଥାଇମଲ୍ ନାମକ ଏକ ତତ୍ତ୍ୱ ଥାଏ । ଯାହା ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନଫ୍ଲେମେଣ୍ଟାରୀ ଗୁଣରେ ଭରପୁର ହୋଇ ରହିଛି । ଯଦି ଆପଣ ଥଣ୍ଡା, କାଶ, ନାକ ବନ୍ଦ ହୋଇଯାଏ କିମ୍ବା ଶ୍ୱାସରୋଗରେ ପୀଡିତ, ତେବେ ଆପଣ ଜୁଆଣି ଖାଇବା ଉଚିତ୍ ।

ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦିଏ : ବୟସ ବଢ଼ିବା ସହିତ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ଜୁଆଣୀରେ ପ୍ରଦାହ ବିରୋଧୀ ଗୁଣ ଥିବାରୁ ଏହା ଗଣ୍ଠି ଫୁଲା ଏବଂ ଯନ୍ତ୍ରଣା କମାଇବା ପାଇଁ ପ୍ରଭାବଶାଳୀ । ଏହି ସମସ୍ୟା ପାଇଁ ଜୁଆଣିର କାଢ଼ା କରି ପିଅନ୍ତୁ । ନଚେତ୍ ଜୁଆଣି ତେଲକୁ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ହେଉଥିବା ସ୍ଥାନରେ ମାସିଲ କରନ୍ତୁ । ଯାହା ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବ । ଓଜନ ହ୍ରାସ କରେ : ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଏଥିପାଇଁ ଜୁଆଣୀ ଏକ ପ୍ରାକୃତିକ ଚର୍ବି ନଷ୍ଟକାରୀ ଭାବରେ କାର୍ଯ୍ୟ କରିପାରିବ । ସକାଳେ ଖାଲି ପେଟରେ ଉଷୁମ ଜୁଆଣି ପାଣି ପିଇବା ଦ୍ୱାରା ଆପଣଙ୍କର ମେଟାବୋଲିଜିମ୍ ବୃଦ୍ଧି ପାଇଥାଏ । ଯାହା କ୍ୟାଲୋରୀକୁ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କରେ ଏବଂ ଓଜନକୁ ନିୟନ୍ତ୍ରଣରେ ରଖିଥାଏ।

ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ : ଜୁଆଣିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିଥାଏ ଏବଂ ପରିବର୍ତ୍ତନଶୀଳ ପାଗ ଯୋଗୁଁ ହେଉଥିବା ବିଭିନ୍ନ ସଂକ୍ରମଣରୁ ରକ୍ଷା କରିଥାଏ ।

# ଦିନକୁ ୧-୨ କପ୍ କଫି ପିଇଲେ ବଢିଯିବ ଆପଣଙ୍କ ଆୟୁଷ



କଫି ବଢ଼ାଇବ କି ଆୟୁଷ ? ଦିନକୁ ମାତ୍ର ୧ରୁ ୨ କପ୍ କଫି ପିଇଲେ କମିପାରେ ହୃଦରୋଗର ଆଶଙ୍କା ! ଏଭଳି ଦାବି କରିଛି ଏକ ନୂଆ ଅଧ୍ୟୟନ। ତେବେ ଏହା କେତେ ସତ ? ଆସନ୍ତୁ ଜାଣିବା...ଆଜିକାଲି ଅନେକ ଲୋକ କଫି ପିଇ ଦିନର ଆରମ୍ଭ କରୁଥିବା ବେଳେ, କଫି ସ୍ୱାସ୍ଥ୍ୟ ପାଇଁ ଭଲ କି କ୍ଷତିକାରକ ତାହାକୁ ନେଇ ସବୁବେଳେ ଚର୍ଚ୍ଚା ହୋଇଆସୁଛି। ଏବେ ଏକ ଅଧ୍ୟୟନ ଏହି ପ୍ରସଙ୍ଗରେ ଆକର୍ଷଣୀୟ ତଥ୍ୟ ସାମ୍ନାକୁ ଆଣିଛି।

କ୍ୟାଫିନ୍ ବ୍ୟତୀତ କଫିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ବିଭିନ୍ନ ପ୍ରାକୃତିକ ଉଦ୍ଭିଦଜାତ ଯୌଗିକ ରହିଛି। ଏହି କାରଣରୁ କଫିର ସ୍ୱାସ୍ଥ୍ୟ ପ୍ରଭାବ ଉପରେ ନିରନ୍ତର ଗବେଷଣା ହୋଇଆସୁଛି। ତେବେ ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି, ଯେକୌଣସି ଜିନିଷର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପବ୍ଲିକ୍ ହେଲ୍ଥ ନ୍ୟୁଟ୍ରିସନ୍ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନରେ ହଜାର ହଜାର ଲୋକଙ୍କ ସ୍ୱାସ୍ଥ୍ୟ ତଥ୍ୟର ବିଶ୍ଳେଷଣ କରାଯାଇଛି। ଏଥିରେ ଦେଖାଯାଇଛି ଯେ, ଯେଉଁମାନେ ପ୍ରତିଦିନ ଗୋଟିଏରୁ ଦୁଇ କପ୍ କଫି ପିଉଥିଲେ, ସେମାନଙ୍କର ଆୟୁଷ କଫି ନପିଉଥିବା ଲୋକଙ୍କ ତୁଳନାରେ ସାମାନ୍ୟ ଅଧିକ ଥିଲା। ଏହାସହ ସେମାନଙ୍କ ମଧ୍ୟରେ ହୃଦରୋଗଜନିତ ମୃତ୍ୟୁର ଆଶଙ୍କା ମଧ୍ୟ କମ୍ ଥିବା ଅଧ୍ୟୟନରେ ଉଲ୍ଲେଖ ରହିଛି ।

ଗବେଷକଙ୍କ ମତରେ, କଫିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରାକୃତିକ ଯୌଗିକ ଶରୀରର କୋଷଗୁଡ଼ିକୁ କ୍ଷତିରୁ ସୁରକ୍ଷା ଦେବା ସହ ହୃଦୟର ସ୍ୱାସ୍ଥ୍ୟକୁ ଉନ୍ନତ କରିପାରେ। ତେବେ ଅଧ୍ୟୟନଟି କେବଳ ଏକ ସହସମ୍ପର୍କ ଦର୍ଶାଉଛି, କଫି ପିଇବା ଦ୍ୱାରା ଆୟୁଷ ବଢ଼େ ବୋଲି ଏହା ପ୍ରମାଣ କରୁନାହିଁ। ସୁସ୍ଥ ଜୀବନଶୈଳୀ ଏଥିରେ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

ଅଧ୍ୟୟନ ଅନୁସାରେ ପ୍ରତିଦିନ ଗୋଟିଏରୁ ଦୁଇ କପ୍ କଫି ପିଉଥିବା ଲୋକଙ୍କଠାରେ ସର୍ବାଧିକ ସକାରାତ୍ମକ ପ୍ରଭାବ ଦେଖାଯାଇଛି। ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କ ବୟସ, ସ୍ୱାସ୍ଥ୍ୟ ଅବସ୍ଥା ଏବଂ କ୍ୟାଫିନ୍ ସହନଶୀଳତା ଭିନ୍ନ ଥିବାରୁ ଏହାର ପରିମାଣ ମଧ୍ୟ ବ୍ୟକ୍ତିଗତ ଭାବେ ବଦଳିପାରେ। ଯଦି କଫି ପିଇବା ପରେ ଅନିଦ୍ରା, ଅସ୍ଥିରତା, ନର୍ଭସନେସ୍ କିମ୍ବା ହୃଦସ୍ପନ୍ଦନ ବଢ଼ିବା ଭଳି ସମସ୍ୟା ଦେଖାଦିଏ ତେବେ କଫିର ପରିମାଣ କମାଇବା ସହ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

ଗର୍ଭବତୀ ମହିଳା, ଉଚ୍ଚ ରକ୍ତଚାପ, ହୃଦରୋଗ, ଚିନ୍ତାଜନିତ ସମସ୍ୟା କିମ୍ବା ଅନିଦ୍ରାରେ ପୀଡ଼ିତ ବ୍ୟକ୍ତି ଏବଂ ଯେଉଁମାନଙ୍କୁ କ୍ୟାଫିନ୍ ସୁହାଏ ନାହିଁ, ସେମାନେ କଫି ପିଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ସେହିପରି କଫିରେ ଅତ୍ୟଧିକ ଚିନି କିମ୍ବା କ୍ରିମ୍ ମିଶାଇ ପିଇବାକୁ ଏଡ଼ାଇବା ଉଚିତ, କାରଣ ଏହା କଫିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ଲାଭକୁ କମାଇ ଦେଇପାରେ।

## ୪ ମାସ ପାଇଁ ବନ୍ଦ ରହିଲା ବିବାହ ଓ ମାଙ୍ଗଳିକ କାର୍ଯ୍ୟ

ଶ୍ରାବଣ ଏବଂ ଚାର୍ମାସର ଆଗମନ ସହିତ ହିନ୍ଦୁ ଧର୍ମରେ ଆଧ୍ୟାତ୍ମିକ ସାଧନା ଏବଂ ବ୍ରତର ସବୁଠାରୁ ବଡ଼ ପର୍ବ ଆରମ୍ଭ ହୋଇଯାଇଛି । ୨୫ ଜୁଲାଇରୁ ଦେବଶୟନୀ ଏକାଦଶୀର ପବିତ୍ର ଅବସରରେ ଭଗବାନ ଶ୍ରୀହରି ବିଷ୍ଣୁ ଚାରି ମାସ ପାଇଁ ଯୋଗନିଦ୍ରାରେ ପ୍ରବେଶ କରିଛନ୍ତି । ଏହାସହିତ ବିବାହ, ମୁଣ୍ଡନ, ଗୃହପ୍ରବେଶ ଏବଂ ନିର୍ବନ୍ଧ ପରି ସମସ୍ତ ଶୁଭ ତଥା ମାଙ୍ଗଳିକ କାର୍ଯ୍ୟ ଉପରେ ଚାରି ମାସ ପାଇଁ ବିରାମ ଲାଗିଯାଇଛି । ପରମ୍ପରା ଅନୁଯାୟୀ, ବର୍ତ୍ତମାନ ଆଗାମୀ ୪ ମାସ ଅର୍ଥାତ୍ ଦେବଉଠାନୀ ଏକାଦଶୀ ପର୍ଯ୍ୟନ୍ତ ସୃଷ୍ଟିର ସଞ୍ଚାଳନ ଭଗବାନ ଶିବ ସମ୍ଭାଳିବେ । ହିନ୍ଦୁ ପଞ୍ଜାଙ୍ଗ ଅନୁଯାୟୀ, ଆଷାଢ଼ ମାସର ଶୁକ୍ଳ ପକ୍ଷ ଏକାଦଶୀ ତିଥିକୁ ଦେବଶୟନୀ ଏକାଦଶୀ କୁହାଯାଏ । ଏହି ଦିନଠାରୁ ହିଁ ଚାତୁର୍ମାସର ଆରମ୍ଭ ହୋଇଥାଏ । ଚତୁର୍ମାସର ଅର୍ଥ ଚାରି ମାସର ଅବଧି। ଧାର୍ମିକ ମାନ୍ୟତା ଅନୁଯାୟୀ, ଏହି ଚାରି ମାସରେ ଭଗବାନ ବିଷ୍ଣୁ କ୍ଷୀରସାଗରରେ ଶେଷନାଗଙ୍କ ଶଯ୍ୟା ଉପରେ ଯୋଗନିଦ୍ରାରେ ରହିଥାଆନ୍ତି । ଦେବଶୟନୀ ଏକାଦଶୀ ଦିନ ସୂର୍ଯ୍ୟାସ୍ତ ପରେ ରାତ୍ରୀ କାଳରେ ଭଗବାନ ବିଷ୍ଣୁ ଶୟନ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି । ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜା ଏବଂ ବ୍ରତ ରଖିବାର ବିଶେଷ ମହତ୍ତ୍ୱ ରହିଛି । ଧାର୍ମିକ ମାନ୍ୟତା ଅନୁଯାୟୀ, ଭଗବାନ ବିଷ୍ଣୁଙ୍କୁ ସୃଷ୍ଟିର ପାଳନକର୍ତ୍ତା ବୋଲି କୁହାଯାଏ । ଯେତେବେଳେ ସେ ଚାରି ମାସ ପାଇଁ ଯୋଗନିଦ୍ରାରେ ଚାଲିଯାଆନ୍ତି, ସେତେବେଳେ ଏହି ଅବଧିକୁ ମାଙ୍ଗଳିକ କାର୍ଯ୍ୟ ପାଇଁ ଅନୁକୂଳ ବୋଲି ବିବେଚନା କରାଯାଏ ନାହିଁ । ଏହି କାରଣରୁ ଚାତୁର୍ମାସ ସମୟରେ ବିବାହ, ଗୃହପ୍ରବେଶ, ମୁଣ୍ଡନ, ବ୍ରତୋପନୟନ ସଂସ୍କାର ଏବଂ ଅନ୍ୟାନ୍ୟ ଶୁଭ କାର୍ଯ୍ୟ କରାଯାଏ ନାହିଁ। ତେବେ ଏହି ସମୟରେ ପୂଜା-ପାଠ, ବ୍ରତ, ଧାର୍ମିକ ଅନୁଷ୍ଠାନ, ମନ୍ତ୍ର ଜପ, ଧ୍ୟାନ ଏବଂ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ରହିଛି । ଏହି ସମୟକୁ ଭଗବାନଙ୍କ ଭକ୍ତି ଏବଂ ଆଧ୍ୟାତ୍ମିକ ସାଧନା ପାଇଁ ସବୁଠାରୁ ଉତ୍ତମ ସମୟ ଭାବେ ଗ୍ରହଣ କରାଯାଏ ।

## ଶ୍ରାବଣ ଶିବଙ୍କର ଅତିପ୍ରିୟ ମାସର ତତ୍ତ୍ୱ

ଶ୍ରାବଣ ଶିବଙ୍କର ଅତିପ୍ରିୟ ମାସ । ତେବେ ଅନ୍ୟ ୧୧ଟି ମାସ ଥାଉ ଥାଉ ଶ୍ରାବଣ ମାସ କାହିଁକି ଭୋଳାନାଥଙ୍କର ଅତିପ୍ରିୟ ? ଏହି ପ୍ରଶ୍ନଟି ମନରେ ଉଠିବା ସ୍ୱାଭାବିକ। ଏହାର କାରଣ ଆମର ପୁରାଣ ଶାସ୍ତ୍ରରେ ଦର୍ଶାଯାଇଛି । ଶିବ ଶ୍ରାବଣ ମାସକୁ ଆଦର କରିବା ପଛରେ ରହିଛି ଏକାଧିକ ପୌରାଣିକ ଉପାଖ୍ୟାନ । ପୁରାଣ ଅନୁଯାୟୀ ପିତା ଦକ୍ଷଙ୍କ ଯଜ୍ଞରେ ସତୀ ଆତ୍ମାହୁତି ଦେବା ପୂର୍ବରୁ ଶପଥ ନେଇଥିଲେଯେ ପରବର୍ତ୍ତୀ ଜନ୍ମରେ ମଧ୍ୟ ସେ ସେହି ଶିବଙ୍କୁ ହିଁ ପତି ଭାବେ ଗ୍ରହଣ କରିବେ। ପରବର୍ତ୍ତୀ ଜନ୍ମରେ ସତୀ ହିମାଳୟଙ୍କ କନ୍ୟା ପାର୍ବତୀ ରୂପେ ଜନ୍ମଗ୍ରହଣ କଲେ । ବିବାହ ଯୋଗ୍ୟା ହେବା ପରେ ପାର୍ବତୀ ଶିବଙ୍କୁ ପତି ରୂପେ ଲାଭ କରିବା ଲାଗି କଠୋର ତପସ୍ୟା କରିଥିଲେ । ଏହି ଶ୍ରାବଣ ମାସରେ ହିଁ ପାର୍ବତୀ ନିରାହାର ରହି ତପସ୍ୟାରତ ହୋଇଥିଲେ । ତାଙ୍କର ସାଧନାରେ ପ୍ରସନ୍ନ ହୋଇ ମହାଦେବ ପାର୍ବତୀଙ୍କୁ ପତ୍ନୀ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଗଲେ । ଏହି କାରଣରୁ ଶ୍ରାବଣ ମାସ ଶିବଙ୍କର ଅତିପ୍ରିୟ ଅଟେ ।

ଏହି ମାସରେ କୁମାରୀ କନ୍ୟାମାନେ ଉତ୍ତମ ପତି ପାଇବା ଇଚ୍ଛାରେ ଶିବଙ୍କର ଉପାସନା କରିଥାନ୍ତି । ଦ୍ୱିତୀୟତଃ ବିଶ୍ୱାସ କରାଯାଏଯେ ଦେବ ଦେବ ମହାଦେବ ଏହି ଶ୍ରାବଣ ମାସରେ ତାଙ୍କର ଶ୍ୱଶୁରାଳୟକୁ ବୁଲି ଆସିଥାନ୍ତି । ଶିବଙ୍କ ଧରାବତରଣ କାରଣରୁ ତାଙ୍କୁ ସାରା ସଂସାର ଉପାସନା କରେ ଏବଂ ଏହା ଶିବଙ୍କର ପ୍ରିୟ ମାସ ଅଟେ । ଶିବ ପୁରାଣ ଅନୁଯାୟୀ ମରକଣ୍ଡୁ ଋଷିଙ୍କ ପୁତ୍ର ମାର୍କଣ୍ଡେୟ ଆୟୁଷ୍ମାନ ହେବା ଇଚ୍ଛା ପୂରଣ ଲାଗି ଶିବଙ୍କ ଚରଣରେ ଶରଣ ପଶିଥିଲେ । ସେ ଶ୍ରାବଣ ମାସରେ ଘୋର ତପସ୍ୟା କରି ଶିବଙ୍କୁ ପ୍ରସନ୍ନ କରାଇଲେ । ଶିବ ମାର୍କଣ୍ଡେୟଙ୍କ ଉପରେ ଅତି ପ୍ରସନ୍ନ ହୋଇ କୃପା ବର୍ଷା କରିଥିଲେ । ଶିବ କୃପାରେ ଆୟୁଷ୍ମାନ ମାର୍କଣ୍ଡେୟଙ୍କ ଜୀବନ



ନେବା ଲାଗି ଯମ ସମର୍ଥ ହୋଇପାରିନଥିଲେ । ଅନ୍ୟ ଏକ ଧାର୍ମିକ ବିଶ୍ୱାସ ଅନୁଯାୟୀ ଶ୍ରାବଣ ମାସରୁ ୪ମାସ ଲାଗି ବିଷ୍ଣୁ ଯୋଗନିଦ୍ରାରେ ଶୟନ କରୁଥିବାରୁ ଶିବ ସଂସାର ପାଳନର ଦାୟିତ୍ୱ ନେଇଥାନ୍ତି । ଏଥିପାଇଁ ଶିବ ଉପାସନା ଲାଗି ଶ୍ରାବଣ ମାସକୁ ସର୍ବୋତ୍କୃଷ୍ଟ ମନେକରାଯାଏ ।

# ତରୁଣ ପିଢ଼ିଙ୍କୁ ଆକୃଷ୍ଟ କରୁଛି 'ନିରାଡ଼ମ୍ବର ପ୍ରେମ'

**ନୂଆଦିଲ୍ଲୀ:**
ଭଲପାଇବାର ଆଉ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି ଆଧୁନିକ ପିଢ଼ିର ତରୁଣ/ତରୁଣୀଙ୍କ ମଧ୍ୟରେ । ସିନେମାର କାହାଣୀ ଭଳି ପ୍ରେମ ସଂପର୍କରେ ବିଶ୍ୱାସୀ ନୁହଁନ୍ତି ଏହି ପିଢ଼ି । ଲୋକ ଦେଖାଣିଆ ଭାବଭଙ୍ଗୀ ପରିବର୍ତ୍ତେ ନିତିଦିନିଆ ଛୋଟ ଛୋଟ ଅଭ୍ୟାସ ମାଧ୍ୟମରେ ହିଁ ସେମାନେ ଭଲପାଇବା ଖୋଜୁଛନ୍ତି । ସଂପର୍କର ଏହି ନୂଆ ଟ୍ରେଣ୍ଡର ନାଁ 'ରୋମାଣ୍ଟିକ୍ ମିନିମାଲିଜମ୍' । ସରଳ ଭାବରେ କହିବାକୁ ଗଲେ 'ନିରାଡ଼ମ୍ବର ପ୍ରେମ' ଯେଉଁଥିରେ ଅନ୍ୟମାନଙ୍କୁ ଦେଖାଇ ହେବାର ପ୍ରବଣତା ନଥାଏ । 'ନିରାଡ଼ମ୍ବର ଭଲପାଇବା'ରେ ନଥାଏ 'ପିଡିଏ' ଅର୍ଥାତ୍ 'ପବ୍ଲିକ୍ ଡିସ୍ପ୍ଲେ ଅଫ୍ ଆଫେକସନ୍' । ଯଦି ବାସ୍ତବରେ ଜଣକୁ ଭଲପାଉଛନ୍ତି ତାହା ଅନ୍ୟକୁ ଜଣାଇବା ବା ଦେଖାଇହେବାର କୌଣସି ଅର୍ଥ ନାହିଁ । ବହୁତ ବର୍ଷ ଧରି ନିରୁତା ପ୍ରେମକୁ ନେଇ ରହିଆସିଥିବା ଧାରଣାକୁ ଏବେ ନୂଆ ରୂପରେ ଆଦରି ନେଉଛନ୍ତି ତରୁଣ ପିଢ଼ି ।

ଏକ ଭାରତୀୟ ଡେଟିଂ ଆପ୍ର ସାମ୍ପ୍ରତିକ ସମୀକ୍ଷାରେ ଜାଣିବାକୁ ମିଳିଛି ଏହି ତଥ୍ୟ । ଦେଶର ମେଟ୍ରୋ ସିଟିରୁ ଛୋଟ ସହରର ପ୍ରାୟ ୫୩ ପ୍ରତିଶତ ତରୁଣ-ତରୁଣୀ ଏବେ 'ଅଳ୍ପ ଅଥଚ ଅର୍ଥପୂର୍ଣ୍ଣ' ସଂପର୍କରେ ବିଶ୍ୱାସୀ । ଲୋକ ଦେଖାଣିଆ ପ୍ରେମ ବା ସାମାଜିକ ଗଣମାଧ୍ୟମରେ ଫଟୋ ପୋଷ୍ଟ କରିବାର ମୋହରୁ ଦୂରେଇବାକୁ ଚାହାନ୍ତି ତରୁଣ ପିଢ଼ିଙ୍କ ୩୮ ପ୍ରତିଶତ । ସେହି ଡେଟିଂ ଆପ୍ର ତଥ୍ୟ ଅନୁସାରେ, ତରୁଣ ପ୍ରଜନ୍ମଙ୍କ ମନରୁ ରୋମାନ୍ସ ବା ପ୍ରେମର ଚାହିଦା କମିନାହିଁ । ତେବେ ସେମାନେ ବୁଝିପାରିଛନ୍ତି ସଂପର୍କର ପ୍ରକୃତ ଭିତ୍ତି କ'ଣ ହେବା ଦରକାର । ସେମାନେ ଏବେ ଆକାଶଛୁଆଁ ପ୍ରତିଶ୍ରୁତି ତୁଳନାରେ ମାନସିକ ଶାନ୍ତି ଏବଂ ସଚ୍ଚୋଟପଣିଆକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ।

ସହଜ ଭାଷାରେ କହିବାକୁ ଗଲେ, ଏହା ଏମିତି ଏକ ମାନସିକତା ଯେଉଁଠାରେ ସଂପର୍କର ଗଭୀରତା ମପାଯାଏ ନିତିଦିନିଆ କିଛି ଛୋଟ ଅଭ୍ୟାସ ମାଧ୍ୟମରେ, ରାଜକୀୟ ଆୟୋଜନ ଦ୍ୱାରା ନୁହେଁ । ଅନେକେ ଭାବନ୍ତି,



'ମିନିମାଲିଜମ୍'ର ଅର୍ଥ ହୁଏତ ପ୍ରତ୍ୟାଶା କମାଇଦେବା ଅଥବା କୌଣସି ଭାବେ ଚଳାଇ ନେବା । କିନ୍ତୁ ତରୁଣ ପିଢ଼ିର ୪୧ ପ୍ରତିଶତ ସ୍ପଷ୍ଟ ଜଣାଇଛନ୍ତି, ବିଷୟଟି ଆଦୌ ସେମିତି ନୁହେଁ । ଲୋକ ଦେଖାଣିଆ ଚାକଚକ୍ୟଠାରୁ ସଂପର୍କର ବନ୍ଧନ କେତେ ଶକ୍ତ, ତାହା ବୁଝି ସେହି ଅନୁସାରେ ସଂପର୍କ ଆଗେଇବାକୁ ପସନ୍ଦ କରୁଛନ୍ତି ତରୁଣ ପିଢ଼ିର ଅନେକ । ସେଥିପାଇଁ ସଂପର୍କରେ ଆଧିକ୍ୟ ନୁହେଁ, ବରଂ ସରଳତା ଉପରେ ଜୋର୍ ଦେଉଛନ୍ତି ସେମାନେ ।

ଆଜିର ବ୍ୟସ୍ତ ଜୀବନଶୈଳୀ ଏହାର ଅନ୍ୟତମ ବଡ଼ କାରଣ । ମେଟ୍ରୋ ସହରର ୨୨ ପ୍ରତିଶତ ତରୁଣ-ତରୁଣୀ ଜଣାଇଛନ୍ତି, ସେମାନଙ୍କ ଦୈନନ୍ଦିନ ଜୀବନ ଏତେ ମାତ୍ରାରେ ବ୍ୟସ୍ତ ଓ କ୍ଳାନ୍ତିକର ଯେ, ସେଠାରେ ସଂପର୍କ ନାଁରେ ନାଟକ ଦେଖାଇବା ଭଳି ଶକ୍ତି ବା ସାମର୍ଥ୍ୟ ଆଉ ଅବଶିଷ୍ଟ ନାହିଁ। ଖୁବ୍ ଭଲପାଇବା ଦେଖାଇବା, କାଲି ଅଚାନକ ଗାଏବ୍ ହୋଇଯିବା(ଘୋଷ୍ଟିଂ)- ଏହି ଧରଣର ଲୁଚକାଳି ଖେଳ ମନକୁ ଆହୁରି କ୍ଳାନ୍ତ କରିଦେଉଛି । ସେହି କାରଣରୁ ଶାନ୍ତ ଅଥଚ ସ୍ଥିର ସଂପର୍କ ଆଡ଼କୁ ଢଳୁଛନ୍ତି ଏହି ପ୍ରଜନ୍ମର ଅନେକ ତରୁଣ-ତରୁଣୀ। ସମୀକ୍ଷାରେ ଦେଖିବାକୁ ମିଳିଛି, ୫୫ ପ୍ରତିଶତ ତରୁଣୀ ମନେ କରନ୍ତି, ଅଚାନକ ଦିନେ ଡେଟ୍ରେ ରେଷ୍ଟୋରାଁ ଯିବାଠାରୁ ସାଥୀ ଯଦି ପ୍ରତିଦିନ ନିୟମିତ ଭାବେ ଟିକେ ଖୋଜଖବର ରଖନ୍ତି, ତେବେ ତାହା ଗୋଟିଏ ସୁସ୍ଥ ଭାବନାତ୍ମକ ସଂପର୍କ ପାଇଁ ଅଧିକ ମୂଲ୍ୟବାନ ହୋଇଥାଏ । ସମୀକ୍ଷାରେ ସାମିଲ ହୋଇଥିବା ୩୦ରୁ ୩୫ ବର୍ଷର ୪୨ ପ୍ରତିଶତ ପୁରୁଷ ଜଣାଇଛନ୍ତି, ସେମାନେ ମୂଲ୍ୟବାନ ଉପହାର ପାଇବା ପରିବର୍ତ୍ତେ ସାଥୀ ସହିତ ଭଲ ସମୟ ବିତାଇବାକୁ ଅଧିକ ପସନ୍ଦ କରନ୍ତି । ସମୀକ୍ଷାର ନିଷ୍କର୍ଷ ଥିଲା, 'ଆପଣଙ୍କ ପ୍ରିୟ ମଣିଷଟି ଆପଣଙ୍କ ଛୋଟ ଛୋଟ ପସନ୍ଦ-ଅପସନ୍ଦ ଖିଆଲ ରଖୁଛନ୍ତି କି ନାହିଁ ତାହା ଏବେ ଭଲପାଇବାର ନୂଆ ସଂଜ୍ଞା' । ସାଥୀର ଖୁସି ପାଇଁ କେବଳ ପକେଟ୍ରୁ ମୁଠା ମୁଠା ଟଙ୍କା ଖର୍ଚ୍ଚ କଲେ ଯେ ଜୀବନରେ ଶାନ୍ତି ବିରାଜମାନ କରିବ ତାହା ନୁହେଁ, ବରଂ ବ୍ୟସ୍ତ ଦିନଚର୍ଯ୍ୟା ମଧ୍ୟରେ ସାଥୀର ଭଲମନ୍ଦ ବୁଝିପାରିଲେ ହିଁ ତାହା ସଂପର୍କକୁ ଆହୁରି ମଧୁର ଓ ମଜଭୁତ କରିପାରିବ ।

## ବର୍ଷା ଋତୁରେ ବିହାରରେ ଡେଙ୍ଗୁ-ମ୍ୟାଲେରିଆ ସତର୍କତା

ନେପାଳ ଏବଂ ବିହାରରେ ନିରନ୍ତର ବର୍ଷା ଯୋଗୁଁ ଅନେକ ଜିଲ୍ଲାରେ ବନ୍ୟା ଏବଂ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାଫଳରେ ବିହାରରେ ଋତୁକାଳୀନ ଏବଂ ସଂକ୍ରାମକ ରୋଗର ଆଶଙ୍କା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଜମା ହୋଇଥିବା ପାଣିରେ ମଶାଙ୍କ ବଂଶ ବୃଦ୍ଧି ହେଉଥିବା ବେଳେ କ୍ଷେତ ଏବଂ ଗ୍ରାମାଞ୍ଚଳରେ ପାଣି ଜମି ରହିବା ଦ୍ୱାରା ସାପ କାମୁଡ଼ା ହେବାର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି ।

ବର୍ଷା ଋତୁରେ ସାପମାନଙ୍କ ଗାତରେ ପାଣି ଜମି ରହିବା ଯୋଗୁଁ ସାପ କାମୁଡ଼ା ବୃଦ୍ଧି ପାଏ । ନିକଟରେ, ବିହାରର ବେଟିଆ ଜିଲ୍ଲାର ଯୋଗପଟ୍ଟି ବ୍ଲକ ଅନ୍ତର୍ଗତ ସିସୱା ବୈରାଗୀ ପଞ୍ଚାୟତର ବାରୱା ସାନି ଗ୍ରାମର ଏକ ଘରୁ ୨୦ରୁ ୨୫ ଟି ନାଗ ଛୁଆ ବାହାରି ଆସିଥିଲେ। ଏତେ ସାପକୁ ଏକାଠି ଦେଖି ପରିବାର ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସାପଗୁଡ଼ିକୁ ଦେଖିବା ପାଇଁ ପଡ଼ୋଶୀମାନେ ଘର ବାହାରେ ଏକାଠି ହୋଇଥିଲେ । ସୂଚନା ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସାପଗୁଡ଼ିକୁ ଉଦ୍ଧାର କରିଥିଲେ । ଯାହାକୁ ନେଇ ଉକ୍ତ ଘର ମାଲିକ ଜୋଖନ ଯାଦବ କହିଥିଲେ,' ପ୍ରାୟତଃ ବର୍ଷା ଋତୁରେ ସାପମାନେ ଗାତରୁ ଅଧିକ ବାହାରିଥାନ୍ତି । ଆମ ଘରୁ ୨୦ରୁ ୨୫ଟି ବିଷାକ୍ତ ସାପ ଛୁଆ ବାହାରିଛନ୍ତି । ଆମେ ସତର୍କତା ଅବଲମ୍ବନ କରିଛୁ ଏବଂ କିଛି ନାଗ ଛୁଆକୁ ଏକ ବାଲ୍ଟିରେ ସୁରକ୍ଷିତ ଭାବରେ ରଖିଛୁ, ଯାହା ଦ୍ୱାରା ସେମାନେ ଘର କିମ୍ବା ଆଖପାଖରେ ବ୍ୟାପି ନ ଯାଆନ୍ତି ଏବଂ କାହାକୁ କ୍ଷତି ନ ପହଞ୍ଚାନ୍ତି ।' ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ, ପ୍ରତିବର୍ଷ ସାରା ବିଶ୍ୱରେ ସାପ କାମୁଡ଼ାରେ ୧୦୦,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରନ୍ତି । ଭାରତରେ, ପ୍ରତିବର୍ଷ ପ୍ରାୟ ୪ ନିୟୁତ ଲୋକ ସାପ କାମୁଡ଼ାର ଶିକାର ହୁଅନ୍ତି, ଯେଉଁଥିରେ ୫୦,୦୦୦ ରୁ ୬୦,୦୦୦ ଲୋକ ମୃତ୍ୟୁବରଣ କରନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ,ବର୍ଷା ସମୟରେ କେବଳ ମଣିଷ ନୁହେଁ ବରଂ ଆମ ଚାରିପାଖରେ ରହୁଥିବା ବନ୍ୟପ୍ରାଣୀ ମଧ୍ୟ ସେମାନଙ୍କର କାର୍ଯ୍ୟକଳାପ ପରିବର୍ତ୍ତନ କରନ୍ତି । ତେଣୁ, ବିହାରରେ ବର୍ଷା ସମୟରେ, କେତେକ ସମୟରେ ସାପ ଆପଣଙ୍କ ରୋଷେଇ ଘର ଭିତରେ କିମ୍ବା କେତେକ ସମୟରେ ଆପଣଙ୍କ ଶୟନ କକ୍ଷରେ ଦେଖାଯାଏ, କାରଣ ସେମାନେ ଶୁଖିଲା ସ୍ଥାନ ଖୋଜୁଛନ୍ତି । ମୌସୁମୀ ଋତୁରେ ବର୍ଦ୍ଧିତ ଆର୍ଦ୍ରତା ଏବଂ ଜଳବନ୍ଦୀ ମଧ୍ୟ ସଂକ୍ରାମକ ରୋଗର ଆଶଙ୍କା ବୃଦ୍ଧି କରିଥାଏ । ଡେଙ୍ଗୁ ଏବଂ ଚିକୁନଗୁନିଆର ବର୍ଦ୍ଧିତ ବିପଦ ମଧ୍ୟରେ, ବିହାର ସ୍ୱାସ୍ଥ୍ୟ ବିଭାଗ ରାଜ୍ୟ ସାରା ସତର୍କତା ବୃଦ୍ଧି କରିଛି ଏବଂ ୩୧୮ ଟି ଫଗିଂ ମେସିନ୍ କାର୍ଯ୍ୟକ୍ଷମ କରି ଫଗିଂ, ପରୀକ୍ଷା ଏବଂ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ମୁଜାଫରପୁରର ସିଭିଲ୍ ସର୍ଜନ୍, ଡକ୍ଟର ସୁଧୀର କହିଛନ୍ତି ଯେ, ବିହାରରେ ମୌସୁମୀ ଋତୁରେ ବର୍ଷା ଏବଂ ଜଳବନ୍ଦୀ ଗାତଗୁଡ଼ିକରେ ପାଣି ଭର୍ତ୍ତି କରିଦିଏ । ଫଳସ୍ୱରୂପ, ଶୁଖିଲା ସ୍ଥାନ ଖୋଜିବା ପାଇଁ ବିଷାକ୍ତ ସାପ ଘରେ ପ୍ରବେଶ କରନ୍ତି, ଫଳରେ ସାପ କାମୁଡ଼ା ଘଟଣା ବୃଦ୍ଧି ପାଏ । ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ବିଶେଷ ବିପଦରେ ଅଛନ୍ତି।'

# ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଲଜ୍ଜିତ ହେଲା ପାକିସ୍ତାନ



**କରାଚି**

ପୁଣି ଥରେ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଲଜ୍ଜିତ ହୋଇଛି ପାକିସ୍ତାନ। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିବା ପାକିସ୍ତାନୀ ବକ୍ସର କୁଦ୍ରାତୁଲା ଦଳୀୟ ହୋଟେଲରୁ ଖସି ପଳାଇଛନ୍ତି। ଏହି ଘଟଣା ଯୋଗୁ ପାକିସ୍ତାନ ବକ୍ସିଂ ଫେଡେରେସନ (ପିବିଏଫ୍) ପୁଣିଥରେ ଚର୍ଚ୍ଚାକୁ ଆସିଛି। ନିକଟ ଅତୀତରେ ମଧ୍ୟ ବିଦେଶରେ ଅନୁଷ୍ଠିତ ପାଖାପାଖି ପ୍ରତ୍ୟେକ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟରେ ପାକିସ୍ତାନୀ ବକ୍ସର ଖସି ପଳାଇଥିବାର ଦୃଷ୍ଟାନ୍ତ ରହିଛି।

ଅଲିମ୍ପିକ୍ ଆସୋସିଏସନ (ପିଓଏ) ପକ୍ଷରୁ କୁହାଯାଇଛି, କୁଦ୍ରାତୁଲା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିଜ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ଦଳୀୟ ହୋଟେଲରୁ ଉଭାନ୍ ହୋଇଯାଇଥିଲେ। ସବୁଠୁ କୌତୂହଳର ବିଷୟ ହେଲା, ଟିମ୍ ମ୍ୟାନେଜରଙ୍କ ପାଖରେ ପାସ୍‌ପୋର୍ଟ ଥିବା ସତ୍ତ୍ୱେ କୁଦ୍ରାତୁଲା ଖସି ପଳାଇଛନ୍ତି। ଏପରିକି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବେଳେ ଦୁଇ ପାକିସ୍ତାନୀ ବକ୍ସର ସୁଲେମାନ ବାଲୋଚ ଓ ନାଜିରୁଲା ଖାନ୍ ପାସ୍‌ପୋର୍ଟ ଛାଡ଼ି ବର୍ମିଂହାମ୍‌ରୁ ଉଭାନ୍ ହୋଇଯାଇଥିଲେ। ସେହିଭଳି ୨୦୨୪ରେ ଇଟାଲୀରେ ଅନୁଷ୍ଠିତ ୱାର୍ଲଡ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟରେ ଏସିଆନ ଗୋଲ୍ଡ ମେଡାଲିଷ୍ଟ ବକ୍ସର ଜୋହେବ ରଶିଦ୍ ନିଜ ରୁମ୍‌ମେଟ୍‌ଙ୍କ ବିଦେଶୀ ମୁଦ୍ରା ନେଇ ବୁସ୍ତୋ ଆର୍ସିଜିଓ ସହରରୁ ଉଭାନ୍ ହୋଇଯାଇଥିଲେ।

## ଶ୍ରୀଲଙ୍କା ଟେଷ୍ଟ ପୂର୍ବରୁ ବିସିସିଆଇର ବଡ଼ ଘୋଷଣା

# ଟିମ୍ ଇଣ୍ଡିଆକୁ ଆସିଲେ ଆଉ ୨ ଖେଳାଳି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଶ୍ରୀଲଙ୍କା ଗସ୍ତ ୧୫ ଅଗଷ୍ଟରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଟିମ୍ ଇଣ୍ଡିଆରେ ଲଗାତାର ପରିବର୍ତ୍ତନ ହେଉଛି। ଜସପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଉଦୀୟମାନ ଦ୍ରୁତ ବୋଲର ଆକିବ ନବିଙ୍କୁ ଦଳରେ ସାମିଲ କରାଯାଇଛି। ଏବେ ଖବର ମିଳିଛି ଯେ, ବିସିସିଆଇ ଆଉ ଦୁଇଜଣ ଖେଳାଳିଙ୍କୁ ଶ୍ରୀଲଙ୍କା ପଠାଇବାକୁ ନିଷ୍ପତ୍ତି ନେଇଛି।

ହର୍ଷ ଦୁବେ ଏବଂ ତନୁଷ କୋଟିଆନଙ୍କୁ ନେଟ ବୋଲର ଭାବେ ଶ୍ରୀଲଙ୍କା ଗସ୍ତରେ ପଠାଯାଇଛି। ଶ୍ରୀଲଙ୍କାର ପିଚ୍ ସାଧାରଣତଃ ସ୍ପିନ୍ ବୋଲରଙ୍କ ପାଇଁ ସହାୟକ



ହୋଇଥାଏ। ଏହା ସତ୍ତ୍ୱେ ହର୍ଷ ଦୁବେ ଓ ତନୁଷ କୋଟିଆନ ମୁଖ୍ୟ ଦଳରେ ସ୍ଥାନ ପାଇନଥିଲେ। ତେବେ ଉଭୟ ବର୍ତ୍ତମାନ ନେଟ ବୋଲର ଭାବେ ଭାରତୀୟ ଦଳ ସହ ଯୋଗଦେବେ।

ସ୍ପିନ ଆକ୍ରମଣକୁ ଦେଖିଲେ ଭାରତୀୟ ଦଳରେ କୁଲଦୀପ ଯାଦବ, ରବୀନ୍ଦ୍ର ଜାଡ଼େଜା, ମାନବ ସୁଥାର ଏବଂ ସାରାଂଶ ଜୈନ ରହିଛନ୍ତି। ଜାଡ଼େଜା ଦୀର୍ଘ କିଛି ମାସ ପରେ ଦଳକୁ ଫେରିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଖେଳିନଥିଲେ। ଅନ୍ୟପଟେ, ଆଫଗାନିସ୍ତାନ ବିପକ୍ଷରେ ଡେବ୍ୟୁ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ମାନବ ସୁଥାର ନିଜ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ୩୩ ବର୍ଷୀୟ ସାରାଂଶ ଜୈନ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ଶ୍ରୀଲଙ୍କା ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ : ଶୁଭମନ ଗିଲ (ଅଧିନାୟକ), କେ.ଏଲ. ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ (ଉଇକେଟ୍ କିପର), ସାଇ ସୁଦର୍ଶନ, ଧ୍ରୁବ ଜୁରେଲ (ଉଇକେଟ୍ କିପର), ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବ, ମାନବ ସୁଥାର, ଆକିବ ନବି, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଗୁରନୂର ବରାଡ଼, ଦେବଦତ୍ତ ପାଡ଼ିକ୍କଲ ଏବଂ ସାରାଂଶ ଜୈନ।

# ଡବ୍ଲୁଟିସି ଫାଇନାଲ ରେସ୍‌ରେ ଭାରତ ଉପରେ ଚାପ, ଗୌତମ ଗମ୍ଭୀରଙ୍କୁ ବଡ଼ ଚେତାବନୀ

**ନୂଆଦିଲ୍ଲୀ**

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ବଡ଼ କଥା କହିଲେ ପୂର୍ବତନ କ୍ରିକେଟର। ସିରିଜ୍ ହେବ କି କୋଚ୍ ଗୌତମ ଗମ୍ଭୀରଙ୍କ ପାଇଁ ବଡ଼ ପରୀକ୍ଷା ? ଭାରତୀୟ କ୍ରିକେଟ ଦଳର ପୂର୍ବତନ ୱିକେଟକିପର ବ୍ୟାଟର ତଥା ଜଣାଶୁଣା କମେଣ୍ଟେଟର୍ ଦୀପ ଦାସଗୁପ୍ତା ଶ୍ରୀଲଙ୍କା ବିପକ୍ଷରେ ଆଗାମୀ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତୀୟ ବ୍ୟାଟିଂକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସ୍ପିନ୍ ବୋଲରଙ୍କ ପାଇଁ ଅନୁକୂଳ ଶ୍ରୀଲଙ୍କା ପିଚ୍ ଭାରତୀୟ ବ୍ୟାଟିଂ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ଭାରତ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପରାଜୟର ସମ୍ମୁଖୀନ ହୋଇଛି। ଏହା ପ୍ରଶିକ୍ଷକ ଭାବରେ ଗମ୍ଭୀରଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ପୂର୍ବତନ ଭାରତୀୟ ଖେଳାଳି ଦୀପ ଦାସଗୁପ୍ତା କହିଛନ୍ତି ଯେ 'ଏହା ଗମ୍ଭୀରଙ୍କ ପାଇଁ ଏକ ବଡ଼ ପରୀକ୍ଷା।'



ଦୀପ ଦାସଗୁପ୍ତା କହିଛନ୍ତି 'ଆମେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତୀୟ ବ୍ୟାଟିଂ ଦେଖିଛୁ। ଏହାକୁ ଦେଖିବା ପରେ, ମୁଁ କହିବି ନାହିଁ ଯେ ଭୟ ଅଛି, କିନ୍ତୁ ଚିନ୍ତା ନିଶ୍ଚିନ୍ତ ଅଛି। ସେମାନେ ସେହି ପରିସ୍ଥିତିରେ କିପରି ଖେଳିପାରିବେ? କାରଣ ସେଠାକାର ପିଚ୍ ସ୍ପିନରମାନଙ୍କ ପାଇଁ ଅନୁକୂଳ ହେବ। ଶ୍ରୀଲଙ୍କାର ଶକ୍ତି ହେଉଛି ସ୍ପିନ୍ ବୋଲିଂ। ଭାରତୀୟ ବ୍ୟାଟରମାନେ ସେହି ପରିସ୍ଥିତିର କିପରି ମୁକାବିଲା କରିବେ? ବ୍ୟାଟର କିପରି ଖେଳିବେ? ମୋ ମତରେ, ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ମୁଁ ବୋଲିଂକୁ ନେଇ ଏତେ ଚିନ୍ତିତ ନୁହେଁ। ଆମର ସ୍ପିନ୍ ବିଭାଗରେ ୱାଶିଂଟନ୍ ସୁନ୍ଦର, ସାରାଂଶ ଜୈନ ଏବଂ କୁଲଦୀପ ଯାଦବ ଅଛନ୍ତି। ବ୍ୟାଟିଂ ଚିନ୍ତାର କାରଣ। ଆମେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ସିରିଜ୍‌କୁ ଦେଖିପାରିବା।'

ସେ ଆହୁରି କହିଥିଲେ, 'ଯଦି ବୋଲିଂ କରିବା ପାଇଁ ଭଲ ପିଚ୍ ଅଛି, ତେବେ ଆପଣ ସ୍ୱୟଂଚାଳିତ ଭାବରେ ଭଲ ବୋଲର ପାଇପାରିବେ। ସାରାଂଶ ମଧ୍ୟ ଆସିଛନ୍ତି, ଯିଏ ଜଣେ ଭଲ ଅଫ୍-ସ୍ପିନର ଏବଂ ଜଣେ ଯିଏ ବହୁତ ଦିନ ଧରି ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳୁଛନ୍ତି। ସେ ଭଲ ବ୍ୟାଟିଂ ମଧ୍ୟ କରିପାରିବେ। ପ୍ରକୃତରେ, ଏକ ଟେଷ୍ଟ ମ୍ୟାଚ୍‌ରେ, ତାଙ୍କୁ ଏହାର ଏତେ ଆବଶ୍ୟକତା ନ ହୋଇପାରେ।'

ପୂର୍ବତନ ୱିକେଟକିପର କହିଛନ୍ତି, 'ବିପକ୍ଷ ଦଳକୁ କେବେବି ହାଲୁକା ଭାବରେ ନିଆଯିବା ଉଚିତ୍ ନୁହେଁ। କୌଣସି ଟେଷ୍ଟ ସିରିଜ୍ ସହଜ ନୁହେଁ। ଭାରତୀୟ ଟେଷ୍ଟ ଦଳ ଏକ ପରିବର୍ତ୍ତନ ଦେଇ ଗତି କରୁଛି, ତେଣୁ ଯାହା ଘଟେ, କୌଣସି ଟେଷ୍ଟ ମ୍ୟାଚ୍ ସହଜ ନୁହେଁ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ର୍ୟାଙ୍କିଂରେ ଭାରତର ସ୍ଥିତି ଭଲ ନାହିଁ। ଏହା ଉପରେ ଦୀପ ଦାସଗୁପ୍ତା କହିଛନ୍ତି, 'ମୁଁ ଭାବୁଛି ୯ଟି ଟେଷ୍ଟ ମ୍ୟାଚ୍ ବାକି ଅଛି। ଏଥିରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି, ଶ୍ରୀଲଙ୍କା ବିପକ୍ଷରେ ୨ଟି ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ସାମିଲ ଅଛି। ଫାଇନାଲରେ ପ୍ରବେଶ ପାଇଁ ଭାରତକୁ ଅତି କମରେ ୭ଟି ମ୍ୟାଚ୍ ଜିତିବାକୁ ପଡ଼ିବ। ଏହା ଏକ କଷ୍ଟକର କାର୍ଯ୍ୟ।'

ଅଧିନାୟକ ଶୁଭମନ ଗିଲ ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଉପରେ ବଢୁଥିବା ଚାପ ସମ୍ପର୍କରେ ସେ କହିଛନ୍ତି, 'ଗମ୍ଭୀରଙ୍କୁ ନିଶ୍ଚିତ ଭାବରେ ପଚରାଉଚରା କରାଯିବ। ଯେତେବେଳେ ଦଳ ଭଲ ପ୍ରଦର୍ଶନ କରିବ ନାହିଁ, ସେତେବେଳେ ତାଙ୍କୁ ବ୍ୟକ୍ତିଗତ ଭାବରେ ପଚରାଉଚରା ହେବ। ଦଳର ଅଧିନାୟକଙ୍କୁ ମଧ୍ୟ ପ୍ରଶ୍ନ ପଚରାଯିବ। ପୂର୍ବତନ ୱିକେଟକିପର କହିଛନ୍ତି, ଆମେ ଘରୋଇ ପରିବେଶରେ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛୁ। ଦଳ ପରିଚାଳନା ପରିବର୍ତ୍ତନ ବିଷୟରେ କହୁଛି। ପରିବର୍ତ୍ତନ ସମୟରେ ଏକ ଦିଗ ଦେଖିବା ଗୁରୁତ୍ୱପୂର୍ଣ୍ଣ। ଉଦାହରଣ ସ୍ୱରୂପ, ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍ ପରେ ପରିବର୍ତ୍ତନ ଆରମ୍ଭ ହୋଇଥିଲା, ତା'ପରେ ଇଂଲଣ୍ଡ ସିରିଜ୍। ମୁଁ ଭାବୁଛି ଏକ ଦିଗ ଦେଖିବା ଗୁରୁତ୍ୱପୂର୍ଣ୍ଣ। ଆମେ କେଉଁ ଦିଗରେ ଯାଉଛୁ ସେ ବିଷୟରେ ମୁଁ ଟିକେ ଦ୍ୱନ୍ଦ୍ୱରେ ଅଛି।' ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦୁଇଟି ଟେଷ୍ଟ ସିରିଜ୍ ଅଗଷ୍ଟ ୧୪ରୁ ୨୭ତାରିଖ ପର୍ଯ୍ୟନ୍ତ ଖେଳାଯିବ।

## ରାଜ୍ୟ ସ୍ତରୀୟ ଜୁନିଅର କବାଡ଼ି ଚାମ୍ପିଆନସିପ୍ ପାଇଁ ଖେଳାଳି ଚୟନ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ଅଗଷ୍ଟ ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ଜୁନିଅର କବାଡ଼ି (ବାଳକ ଓ ବାଳିକା) ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ସେଥିପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଚଳିତ ତା.୦୬.୦୮.୨୦୨୬ ଦିନ ସକାଳ ୯ଘ. ସମୟରେ କନିଷ୍ଠ ବାଳକ ଓ ବାଳିକା ବର୍ଗମାନଙ୍କର ଖେଳାଳି ଚୟନ କରାଯିବ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସେଥିପାଇଁ ଜିଲ୍ଲାର ଖେଳାଳିମାନେ ନିଜର ଆଧାରକାର୍ଡ଼ ସହ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଏହି ବର୍ଗ ପାଇଁ ଖେଳାଳିମାନଙ୍କର ବୟସ ସୀମା ୨୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ପ୍ରକାଶ ଥାଉ କି, ସମ୍ପୃକ୍ତ ଖେଳାଳି ତା.୦୨.୧୧.୨୦୦୬ ପରେ ଜନ୍ମ ହୋଇଥିବେ। ଏଥିପାଇଁ ଯୋଗାଯୋଗ କରିବାକୁ କବାଡ଼ି ସଂପାଦକ ବିଭୁତି ଭୂଷଣ ପଣ୍ଡା, ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ପ୍ରକାଶ କରାଯାଇଛି।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗନେବେ ପିସିପୁରର ୭ ଖେଳାଳି



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଦେବ ତେଲେଙ୍ଗା, ଦେବାଶିଷ କୁଁଅର, ରାକେଶ ବେହେରା, ସଂଜିତ ସିଂହ, ସୁକୁଲ ହେମ୍ବ୍ରମ, ଆକାଶ କୁମାର ମହାନ୍ତ, ଗାଜ ଟୁଡୁ କୃତିତ୍ୱ ହାସଲ କରି ରାଜ୍ୟସ୍ତରରେ ଖେଳିବାର ସୁଯୋଗ ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଖବର ପାଇବା ପରେ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଛାତ୍ରାବାସରେ ରହି ସମସ୍ତେ ୮ମ ଶ୍ରେଣୀରେ ପାଠ ପଢୁଛନ୍ତି ଓ ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅତୀତରେ ଦୌଡ଼କୁଦ ସହ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ଶିକ୍ଷକ/ଶିକ୍ଷୟିତ୍ରୀ, କୋଚ୍ ବିଷ୍ଣୁପ୍ରିୟା ସାହୁ, ହଷ୍ଟେଲର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି।

## ବିବାହ ପୂର୍ବରୁ ରୋନାଲ୍ଡୋ-ଜର୍ଜିନାଙ୍କ ଏଗ୍ରିମେଣ୍ଟ

# ଛାଡ଼ପତ୍ର ହେଲେ କାଙ୍ଗାଳ ହେବେ ରୋନାଲ୍ଡୋ !



**ଲିସବନ**

ପର୍ତ୍ତୁଗାଲର ଦିଗ୍ଗଜ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଏବଂ ତାଙ୍କ ଗର୍ଲଫ୍ରେଣ୍ଡ ଜର୍ଜିନା ରୋଡ୍ରିଗେଜଙ୍କ ବିବାହ ତାରିଖକୁ ନେଇ ଚାଲିଥିବା କଳ୍ପନାଜଳ୍ପନା ମଧ୍ୟରେ ଉଭୟଙ୍କର ବିବାହ ପୂର୍ବରୁ ହୋଇଥିବା ଏକ ଏଗ୍ରିମେଣ୍ଟ ଚର୍ଚ୍ଚାକୁ ଆସିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଉଭୟଙ୍କ ଆଇନଗତ ବିବାହ ପୂର୍ବର ସର୍ତ୍ତ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଯଦି ଉଭୟଙ୍କ ମଧ୍ୟରେ ବିଚ୍ଛେଦ ଘଟେ କିମ୍ବା ବିବାହ ପରେ କୌଣସି ଆଇନଗତ ପରିସ୍ଥିତି ଉପୁଜେ, ତେବେ ଜର୍ଜିନା ରୋଡ୍ରିଗେଜ ଆର୍ଥିକ ସହାୟତା ପାଇବେ।

ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ୧୨୧,୦୦୦ ଡଲାର (ପାଖାପାଖି ୧ କୋଟି ଟଙ୍କା) ପ୍ରତି ମାସ। ଆଜୀବନ ଭତ୍ତା ଭାବରେ ୧୧୦,୦୦୦ ଡଲାର (ପାଖାପାଖି ୯୨ ଲକ୍ଷ ଟଙ୍କା) ପ୍ରତି ମାସ। ପିଲାମାନଙ୍କର ରକ୍ଷଣାବେକ୍ଷଣ ଏବଂ ସେମାନଙ୍କର ଆଳସ୍ୟପୂର୍ଣ୍ଣ ଜୀବନଶୈଳୀ ପାଇଁ ୫୦୦,୦୦୦ ଡଲାର (ପାଖାପାଖି ୪.୨ କୋଟି ଟଙ୍କା) ପ୍ରତି ମାସ।

ସମ୍ପତ୍ତି ଏବଂ ଅନ୍ୟାନ୍ୟ ସୁବିଧା : ମାଡ୍ରିଡ ଏବଂ ଲିସବନରେ ରିଅଲ ଏଷ୍ଟେଟ ସହିତ ୫.୬ ନିୟୁତ ଡଲାର (ପାଖାପାଖି ୪୭ କୋଟି ଟଙ୍କା)ର ମୋଟ ସମ୍ପତ୍ତି।

ନିଜର ଜୀବନଶୈଳୀ ବଜାୟ ରଖିବା ପାଇଁ ୨ ନିୟୁତ ଡଲାର (ପାଖାପାଖି ୧୬.୭ କୋଟି ଟଙ୍କା) ବାର୍ଷିକ। ଦୁଇଟି ଲଗଜରୀ କାର୍, ପ୍ରାଇଭେଟ ଜେଟ ଯାତ୍ରା ଏବଂ ବର୍ଷକୁ ଦୁଇଟି ଛୁଟିଦିନ।

ଅଗଷ୍ଟ ୧ ତାରିଖରେ ଉଭୟଙ୍କର ବିବାହ ହେବାର ଗୁଜବ ପ୍ରଚାରିତ ହୋଇଥିଲା, କିନ୍ତୁ ସେମାନଙ୍କ ପରିବାର ଏହାକୁ ଖଣ୍ଡନ କରିଛନ୍ତି। ଗତବର୍ଷ ଉଭୟଙ୍କର ନିର୍ବନ୍ଧ ହୋଇଥିଲା, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବିବାହର କୌଣସି ଅଫିସିଆଲ ତାରିଖ ସାମ୍ନାକୁ ଆସିନାହିଁ। ତଥାପି, ରୋନାଲ୍ଡୋ କିମ୍ବା ଜର୍ଜିନାଙ୍କ ମଧ୍ୟରୁ କେହି ହେଲେ ଏହି ସର୍ତ୍ତଗୁଡ଼ିକ କିମ୍ବା ମିଡିଆ ରିପୋର୍ଟ ଉପରେ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ପ୍ରତିକ୍ରିୟା ଦେଇନାହାନ୍ତି।

# ସମସ୍ୟା ଘେରରେ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ

**ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ**

ସରକାରଙ୍କ ନିଷ୍ପତ୍ତି କ୍ରମେ ମଙ୍ଗଳବାର ଦିବା ୨.୩୦ ଘଟିକାରେ ଶତାୟୁ, ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ପ୍ରଥମ ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ନବଗଠିତ ପରିଚାଳନା କମିଟି ବୈଠକ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେଉଛି। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ/ ଶିକ୍ଷକ ଓ ଛାତ୍ରୀ, ଛାତ୍ରମାନଙ୍କର ମାତା-ପିତା ତଥା ଅଭିଭାବିକା - ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଛି। ସେମାନେ ବହୁ ସଂଖ୍ୟାରେ ମଧ୍ୟ ଉପସ୍ଥିତ ଅଛନ୍ତି। ଏହି ଅବସରରେ ଆମ ଶତାୟୁ ବିଦ୍ୟାଳୟ ବିଭିନ୍ନ ପ୍ରକାରର ବହୁ ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ମଙ୍ଗଳବାର ଦିବା ୪ ଘଟିକାରୁ ୪.୩୦ ମଧ୍ୟରେ ବିଦ୍ୟାଳୟରେ ଆପଣମାନଙ୍କର ସଦୟ ଉପସ୍ଥିତ ରହି ବିଦ୍ୟାଳୟର ସମସ୍ୟା ଗୁଡ଼ିକର ବ୍ୟାପକ ପ୍ରଚାର, ପ୍ରସାର ଆପଣଙ୍କ ଛାପା, ବୈଦ୍ୟୁତିକ, ୱେବ୍, ଡିଜିଟାଲ୍ ଓ ସାମାଜିକ ଗଣମାଧ୍ୟମ ମାନଙ୍କରେ ପରିପ୍ରସାର କରିବାକୁ ସହଯୋଗ କାମନା କରୁଛୁ। କୌଣସି କାରଣରୁ ଆସିବାରେ ଅସୁବିଧା ହେଲେ ଆମେ ମଧ୍ୟ ଆପଣମାନଙ୍କ ନିକଟରେ ପହଞ୍ଚି ଆପଣମାନଙ୍କ ସହଯୋଗ ଲୋଡ଼ିବୁ।

# ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ କୃଷକ ସଂଗଠନର ତହସିଲଦାରଙ୍କୁ ଦାବିପତ୍ର

**ଗାଇସିଲେଟ, ନ୍ୟୁଜ୍‌ବ୍ୟୁରୋ**

ରାଜ ବୋଡ଼ା ସମ୍ବର କୃଷକ ସଂଗଠନର ଗାଇସିଲେଟ ବ୍ଲକ ଶାଖା ପକ୍ଷରୁ ମଙ୍ଗଳବାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଗାଇସିଲେଟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ମଧ୍ୟ ଚାଷୀଙ୍କ ସାର ସମସ୍ୟାର ସମାଧାନ ହୋଇପାରିନାହିଁ। ପ୍ରକୃତ ଅଣରଣୀ ଚାଷୀମାନେ ଆବଶ୍ୟକ ସାର ପାଉନଥିବାବେଳେ ଦଲାଲଙ୍କ ମାଧ୍ୟମରେ ସାରର କଳାବଜାର ଚାଲିଥିବା ଅଭିଯୋଗ କରାଯାଇଛି। ତେଣୁ ଅଣରଣୀ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ଓ ଡିଏପି ସାର ଯୋଗାଇ ଦେବାକୁ ଦାବି କରାଯାଇଛି।



ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ 'ଅଗ୍ରି ଷ୍ଟାକ' ବାଧ୍ୟତାମୂଳକ ଥିବାରୁ ଅନେକ ଚାଷୀ ବୀମା ସୁବିଧାରୁ ବଞ୍ଚିତ ହେଉଥିବା ଦର୍ଶାଇ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରି ସମସ୍ତ ଚାଷୀଙ୍କୁ ବୀମାଭୁକ୍ତ କରିବାକୁ ଦାବି କରାଯାଇଛି। ଗତ ଜୁଲାଇ ମାସରେ ଲଗାଣ ବର୍ଷା ଯୋଗୁଁ ଅନେକ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିବାରୁ ସଠିକ୍ ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ସଂଗଠନ ଦାବି କରିଛି। ଏହାସହ ଖରିଫ ଧାନ କାର୍ଡ ପଞ୍ଜୀକରଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବା, ସାଟେଲାଇଟ୍ ସର୍ଭେ ବ୍ୟବସ୍ଥା ପ୍ରତ୍ୟାହାର କରିବା, ଚାଷ ପାଇଁ ସମ୍ପୂର୍ଣ୍ଣ ବିଦ୍ୟୁତ ବିଲ ଛାଡ଼ କରିବା ସହ ଘରୋଇ ବିଦ୍ୟୁତ ବିଲରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବାକୁ ମଧ୍ୟ ଦାବି ଉଠାଯାଇଛି।

ଏହି ସମସ୍ତ ଦାବି ସମ୍ବଳିତ ଦାବିପତ୍ର ଗାଇସିଲେଟ ତହସିଲଦାରଙ୍କୁ ପ୍ରଦାନ କରାଯାଇ ଥିଲା। ଦାବିଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି କୃଷକ ସଂଗଠନ ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସ୍ଥାୟୀ ସଭାପତି ଅରବିନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ସରୋଜ ସାହୁ, ମୋହନ ସିଂ ବରିହା, ପ୍ରସନ୍ନ କୁମ୍ଭାର, ଗୁପ୍ତେଶ୍ୱର ସାହୁଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

# ବିରଜା ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହର ଯୋଡ଼ିକୁଅସ୍ଥ ବିରଜା ସଂସ୍କୃତ ମହାବିଦ୍ୟାଳୟ ଠାରେ ସଂସ୍କୃତ ସମ୍ଭାଷଣ ଶିବିର (ଇଣ୍ଟର୍ନସିପ୍ ପ୍ରୋଗ୍ରାମ)ର ଉଦ୍‌ଯାପନୀ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଲୋକଭାଷା ପ୍ରଚାର ସମିତି ଆନୁକୂଲରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମହାବୀର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ରମାକାନ୍ତ ବରାଳ ସଂସ୍କୃତ ଭାଷା କଦାପି କଠିନ ନୁହେଁ, ସରଳ ସଂସ୍କୃତରେ କଥାବାର୍ତ୍ତା ଆଉ ଜ୍ଞାନ ଆହରଣ ପାଇଁ ଏକମାତ୍ର ମାଧ୍ୟମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ, ତାହା ବ୍ୟତୀତ ସଂସ୍କୃତ ପଢୁଥିବା ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଶୃଙ୍ଖଳିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉକ୍ତ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପିକା ତଥା କାର୍ଯ୍ୟକ୍ରମର ସଂଯୋଜିକା ସାବିତ୍ରୀ ଦ୍ୱିବେଦୀ




ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଆଉ ମହତ୍ତ୍ୱ ଉପରେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସଭାର ସଭାପତି ସୁବ୍ରତ ମହା ମାନସିଂହ, ଅତିଥିମାନଙ୍କର ପରିଚୟ ପ୍ରଦାନ ସହିତ ସଭାକୁ ପରିଚାଳନା କରିବା ସହ ସରକାରଙ୍କର ଉକ୍ତ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମର ଗାଇଡ୍ ଲାଇନ ସମ୍ପର୍କରେ ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଲୋକ ଭାଷା ପ୍ରଚାର ସମିତିର ରାଜ୍ୟ ମହାସଚିବ ଡଃ.ବିଭୁତି ନାରାୟଣ କର ପିଲାମାନଙ୍କୁ ଦୈନନ୍ଦିନ ଜୀବନଚର୍ଯ୍ୟା ରେ ଓ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ସଂସ୍କୃତର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ସଭାକୁ ସଂଯୋଜନା କରି ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାରରେ ଏପରି ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

E-mail ID: eepwd765017@gmail.com
Phone-(06856)233066
Government of Odisha
"E" Procurement Notice
OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II
Bid Identification No: RC (RANDB) RGD No-II 06/2026-27 (Online tender)
No 3221 Dated 03.08.2026
34001/583/2627

1. Total No. of the works : - 03 no Work (Single cover System)
2. Approximate estimated Cost: - Rs 16.95 Lakhs to 42.33 lakhs
3. Period of completion : - 02 (Two) 03 (Three) & 05 (Five) Calendar months
4. Date & Time of availability of bid document in the portal:-11.00 Hrs. of dated 17.08.2026 to 17.00 Hrs. of dated 31.08.2026 for online bidding.
5. Last date/Time for receipt of bids in the portal: - Up to 17.00 Hrs. of dated 31.08.2026
6. Name and address of the officer inviting BID: - Superintending Engineer, Rayagada (R&B) Division No-II
7. Date of opening of Technical Bid at 11.00 Hours on dated 01.09.2026
8. Further details can be seen from the e-Procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

Sd/- Superintending Engineer
Rayagada (R&B) Division No-II
OIPR-34001/34139/1/26-27/0005

## ଏଫଏମୟୁରେ ଓଡ଼ିଆ ସାମ୍ବାଦିକତା ଦିବସ

# 'ଖବର ହେଉଛି ଜୀବନ୍ତ ଇତିହାସ ଓ ସାମାଜିକ ଚିତ୍ର'

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଆ ସାମ୍ବାଦିକତାର ଗୌରବମୟ ଇତିହାସକୁ ସ୍ମରଣ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର 'ଓଡ଼ିଆ ସାମ୍ବାଦିକତା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ୧୮୬୬ ମସିହା ଅଗଷ୍ଟ ୪ ତାରିଖରେ ଗୌରୀଶଙ୍କର ରାୟଙ୍କ ଦ୍ୱାରା ପ୍ରକାଶିତ 'ଉତ୍କଳ ଦୀପିକା' କେବଳ ଓଡ଼ିଆର ପ୍ରଥମ ସମ୍ବାଦପତ୍ର ନୁହେଁ, ବରଂ ଓଡ଼ିଆ ଜାତିର ସ୍ୱାଭିମାନ, ଭାଷା ଆନ୍ଦୋଳନ, ସାମାଜିକ ସଂସ୍କାର ଓ ଜାତୀୟ ଚେତନାର ଏକ ସଶକ୍ତ ମୁଖପତ୍ର ଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ଡିଜିଟାଲ ଯୁଗରେ ମଧ୍ୟ ସାମ୍ବାଦିକତାର ମୂଳ ଆଦର୍ଶ ହେଉଛି ସତ୍ୟ, ନିର୍ଭୀକତା ଓ ଜନକଲ୍ୟାଣ। ଗଣମାଧ୍ୟମ ସମାଜର ଦର୍ପଣ ହୋଇ ଲୋକତନ୍ତ୍ରର ବାସ୍ତବ ଚିତ୍ର ଲୋକଲୋଚନକୁ ଆଣିବା ସହ ନୂତନ ପିଢ଼ି ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ 'ସମ୍ବାଦ' ଖବରକାଗଜ ବାଲେଶ୍ୱର ସଂସ୍କରଣର ମୁଖ୍ୟ ତଥା ବିଶିଷ୍ଟ ସାହିତ୍ୟିକ ଚିତ୍ତରଞ୍ଜନ ଚିରଞ୍ଜିତ କହିଥିଲେ ଯେ, 'ଉତ୍କଳ ଦୀପିକା' ଓଡ଼ିଆ ସମାଜରେ ନବଜାଗରଣର ମଶାଲ ଜଳାଇଥିଲା ଏବଂ ଜନମତ ସୃଷ୍ଟିରେ ଐତିହାସିକ ଭୂମିକା ଗ୍ରହଣ କରିଥିଲା। ବିଶେଷ ବକ୍ତା ଭାବେ 'ସମାଜ' ଖବରକାଗଜ ବାଲେଶ୍ୱର ସଂସ୍କରଣର ବରିଷ୍ଠ ସହସମ୍ପାଦକ ଡ଼କ୍ଟର ଜଗନ୍ନାଥ ଖଟୁଆ ଯୋଗଦେଇ, 'ଉତ୍କଳ ଦୀପିକା'କୁ ଜାତୀୟ ଚେତନା,ଭାଷା ଓ ସାମାଜିକ ସଚେତନତାର ସଶକ୍ତ ସ୍ୱର ଭାବେ ଉଲ୍ଲେଖ କରିଥିଲେ। ସେ ଓଡ଼ିଆ ସାମ୍ବାଦିକତାର ଇତିହାସ ତଥା ବିକାଶଧାରା, ଏବଂ ନୈତିକ ସାମ୍ବାଦିକତାର ଆବଶ୍ୟକତା ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା କହିଥିଲେ ଯେ, ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କେବଳ ଏକ ଐତିହାସିକ ଘଟଣାର ସ୍ମରଣ ନୁହେଁ, ବରଂ ସତ୍ୟନିଷ୍ଠା, ନିର୍ଭୀକତା, ସାମାଜିକ ଦାୟିତ୍ୱବୋଧ ଓ ଜନସେବା ଭାବନା ସମସ୍ତ ସାମ୍ବାଦିକଙ୍କ ମଧ୍ୟରେ ରହିବା ଆବଶ୍ୟକ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରାଧ୍ୟାପିକା ତଥା ସଂଯୋଜିକା ଡକ୍ଟର ସ୍ମିତି ପାଢ଼ୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଅଧ୍ୟାପକ ଧୀରେନ୍ଦ୍ର ବେହେରା ସଂଚାଳନ କରିଥିଲେ ଓ ସହକାରୀ ଅଧ୍ୟାପିକା ମୋତି ପାଙ୍ଗାମ ଧନ୍ୟବାଦ ଅର୍ପଣ କରିଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଅଗଷ୍ଟ ୨୦୨୬ ବୁଧବାର





ଭୁବନେଶ୍ୱର : ନବୀନ ନିବାସ ଠାରେ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲାରୁ ଆସିଥିବା ବିଜେଡି ବିଧାୟକ, ପୂର୍ବତନ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ, ଜିଲ୍ଲା ଯୋଜନା କମିଟି ସଭ୍ୟଙ୍କ ସମେତ ଦଳୀୟ କର୍ମୀମାନେ ଦଳର ସୁପ୍ରିମୋ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ କଲେ ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ସକାଳେ ଲୋକ ଭବନରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ମାନ୍ୟବର ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି



ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି ଅନନ୍ୟ କଳାକୃତିଗୁଡିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।

### ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ପୁସ୍ତକ ଲୋକାର୍ପିତ

# ‘ଲେଖକର ବକ୍ତବ୍ୟ ତା’ ଲେଖାରେ ପ୍ରତିଫଳିତ ହୁଏ’

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲେଖକର ବକ୍ତବ୍ୟ ତା’ଲେଖାରେ ପ୍ରତିଫଳିତ ହୋଇଥାଏ। ପ୍ରତି ଲେଖା ଭିନ୍ନ ଭିନ୍ନ ଭାବରେ ପାଠକଙ୍କ ଦ୍ୱାରା ବିଚାର କରାଯାଏ ବୋଲି ଅତିଥିମାନେ ମତ ଦେଇଛନ୍ତି।

ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ନନ୍ଦ କିଶୋର ସିଂହଙ୍କ ଲିଖିତ ‘ ଓଡ଼ିଆ ମୁଁ ଓଡ଼ିଆ ’ ଓ ଡ଼. ଅଶୋକ କୁମାର ସିଂହଙ୍କ ଲିଖିତ ‘ଦି ଗ୍ରାମାର ଅଫ ଡିକେ’ ଲୋକାର୍ପିତ ହୋଇଛି।




କାର୍ଯ୍ୟକ୍ରମରେ ପ୍ର. ଯତୀନ ନାୟକ ଅତିଥି ଭାବରେ ଯୋଗଦେଇ ‘ଡିକେ’ ବା କ୍ଷୟ ମଧ୍ୟ ଆମ ଜୀବନର ଅଂଶ ଓ ଏହା ଚେତନାକୁ ଅଧିକ ରସାଣିତ କରିବାରେ ସାହାଯ୍ୟ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଅତିଥି ଡ଼. ନନ୍ଦ କିଶୋର ବିଶ୍ୱାଳ, ଶଙ୍କର ନାରାୟଣ ମଲ୍ଲିକ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ପୁସ୍ତକଦୁଇଟି ସମ୍ପର୍କରେ ଆଲୋଚନା କରିଥିଲେ। ଡ଼. ଆଦ୍ୟାଶା ଦାସ ଓ ଅଶୋକ ସିଂହଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇଥିଲା। ଲେଖକଦ୍ୱୟ ସେମାନଙ୍କ ଅଭିମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ କବି ଓ ଲେଖକଙ୍କ ସମେତ ଉଭୟ ପୁସ୍ତକର ପ୍ରକାଶକ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମା’ କନ୍ଧୁଣୀ...

ଐତିହାସିକ ଅବସର ଗଞ୍ଜାମର ଲୋକକଳା ଓ ଆଦିବାସୀ ସାଂସ୍କୃତିକ ପରମ୍ପରାକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିବ।

ତପ୍ତପାଣିର ପ୍ରକୃତିଦତ୍ତ ଉଷ୍ମ ପ୍ରସବଣ ଏବଂ ଆଦିବାସୀଙ୍କ ଆସ୍ଥାର ପ୍ରତୀକ ମା’ କନ୍ଧୁଣୀ ଦେବୀଙ୍କ ପୀଠ ପରିଦର୍ଶନ କରିବାରେ ଶ୍ରୀମତୀ ମୁର୍ମୁ ହେଉଛନ୍ତି ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି।

ମଙ୍ଗଳବାର ଅପରାହ୍ନ ପ୍ରାୟ ୧ ଟା ସମୟରେ ଝିପିଝିପି ବର୍ଷା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ପାନ୍ଥନିବାସରେ ପହଞ୍ଚିଥିଲେ। ସେଠାରୁ କିଛି ସମୟ ବିଶ୍ରାମ ପରେ ସେ ସ୍ୱତନ୍ତ୍ର ସୁଟ୍ ପିନ୍ଧି ଉଷ୍ମ ପ୍ରସବଣର ପାଇପ୍ ଯୋଗେ ଆସୁଥିବା ଗନ୍ଧକଯୁକ୍ତ ଗରମ ପାଣିରେ ସ୍ନାନ କରିଥିଲେ। ପରେ ଜନଜାତି ସମ୍ପ୍ରଦାୟର କଳାକାରମାନେ ପାରମ୍ପରିକ ବାଦ୍ୟ ବାଜଣାର ତାଳେ ତାଳେ ନୃତ୍ୟ ପରିବେଷଣ କରି ରାଷ୍ଟ୍ରପତିଙ୍କୁ ଉଷ୍ମ ପ୍ରସବଣ କୁଣ୍ଡରେ ବିରାଜିତ ମା’ କନ୍ଧୁଣୀ ଦେବୀଙ୍କ ମନ୍ଦିର ଯାଏ ଆଦରରେ ପାଛୋଟି ନେଇଥିଲେ।

ଏହି ଗସ୍ତ ସମୟରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସ୍ଥାନୀୟ ଜନଜାତି ସମ୍ପ୍ରଦାୟ ମଧ୍ୟରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଜନଜାତି ସମ୍ପ୍ରଦାୟର ଲୋକେ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ।

ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ରାଷ୍ଟ୍ରପତି ମା’ କନ୍ଧୁଣି ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ଦର୍ଶନ କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ମଞ୍ଚରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ ଗୀତ ଉପଭୋଗ କରିଥିଲେ। ସେଠାରେ ଉପସ୍ଥିତ କୁନି କୁନି ପିଲା ଓ ଛାତ୍ରୀମାନଙ୍କୁ ରାଷ୍ଟ୍ରପତି ଚୋକଲେଟ୍ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଏସ.ପି. ଡା. ଶ୍ରବଣା ବିବେକ ଏମ., ଗଞ୍ଜାମ ଏସ.ପି. ହରିଶ୍ ବି. ସି., ଆସିକା ଏମ.ପି. ଅନୀତା ଶୁଭଦର୍ଶନୀ, ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ସାନଖେମୁଣ୍ଡି ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବଂ ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଓ ଗଜପତି ଜିଲ୍ଲାର ବହୁ ସଂଖ୍ୟକ ପଦସ୍ଥ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ସୁଦୃଢ଼ ହେବ...

ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଓଡ୍ରାଫର ଆବଶ୍ୟକ ଦକ୍ଷତା ଏବଂ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି। ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି। ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଥିଲେ। ୧୯ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୬ଜଣ ସାପ କାମୁଡ଼ିଥିବା ରୋଗୀଙ୍କୁ ଉଚିତ୍ ସମୟରେ ଉଦ୍ଧାର କରାଯାଇଥିଲା। ସେହିପରି ଜରୁରିକାଳୀନ ଡାକ୍ତରୀ ସେବା ନିମନ୍ତେ ୨୫ଟି ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ୨୧୩ ପଶୁସମ୍ପଦଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲେ। ଏଥିସହିତ ପ୍ରଭାବିତ ଅଞ୍ଚଳରେ ୧୮ଟି ବିଶାଳ ଗଛକୁ କାଟି ଯାତାୟାତ ପଥ ସୁଗମ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଥିଲେ।

ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆହୁରି ସଶକ୍ତ କରିବା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବୈଠକରେ ଓଡ୍ରାଫର ଦକ୍ଷତା ଏବଂ କ୍ଷମତା ବୃଦ୍ଧି ସହ ଆଗାମୀ ସମୟରେ ଏହାର ସୁବ୍ୟବସ୍ଥିତ ପରିଚାଳନା ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ ଯେ, ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ (ଏସଡିଆରଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସଡିଆରଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫକୁ ରାଜ୍ୟର ଏସଡିଆରଏଫ୍ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି। ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଓଡ୍ରାଫକୁ ରାଜ୍ୟର ଏସଡିଆରଏଫ୍ ଭାବେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ସମର୍ପିତ ବାହିନୀ ଭାବେ ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଓଡ୍ରାଫ୍ ଉଦ୍ଧାରକାରୀ ଦଳ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ସମ୍ପର୍କରେ ମଧ୍ୟ ଆଲୋଚନା କରି ଆଗାମୀ ଦିନରେ ସେଥିନିମନ୍ତେ ପୂର୍ବପ୍ରସ୍ତୁତି ଭିତ୍ତିରେ ସଜାଗ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଭିନ୍ନ ପ୍ରଭାବିତ ଜିଲ୍ଲାରେ ଚାଲିଥିବା କ୍ଷୟକ୍ଷତି ଆକଳନକୁ ତ୍ୱରାନ୍ୱିତ କରିବା ସହ କ୍ଷତିଗ୍ରସ୍ତ ଚାଷଜମି, ପନିପରିବା ଚାଷ, ଗୃହ, ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟର କ୍ଷୟକ୍ଷତି ଆକଳନ ତ୍ୱରିତ ଶେଷ କରି କ୍ଷତିପୂରଣ ପ୍ରଦାନ ସୁନିଶ୍ଚିତ କରିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, ଓସ୍‌ଡମାର ପରାମର୍ଶଦାତା ଡ. କମଳ ଲୋଚନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା, ଅର୍ଥନୈତିକ ପରାମର୍ଶଦାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ ଏବଂ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ରିଲିଫ ଓ କ୍ଷୟକ୍ଷତି ...

ହେବ ତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ବିଭାଗ ସହଯୋଗ କରିବା ପାଇଁ ଆଲୋଚନା ହୋଇଛି। ତା ସହ ବୈଠକରେ ନିଶାମୁକ୍ତ ଓ ସାଇବର୍ ଅପରାଧକୁ ରୋକିବାକୁ ପ୍ରାଧାନ୍ୟ ଦିଆଯାଇଛି। କିପରି ଲୋକଙ୍କୁ ଏହି ସବୁ ସମସ୍ୟାରୁ କଢ଼ା ଯାଇପାରିବ ତାକୁ ଗୁରୁତର ସହ ନେଇ ବିଭାଗ ମାନ ନିଜ ନିଜର ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ମଙ୍ଗଳବାର ଗଜପତି ଜିଲ୍ଲାପାଳ ତାଙ୍କ ଜିଲ୍ଲାର ମୁଖ୍ୟ ସମସ୍ୟା ସଚିବ ସ୍ତରୀୟ ବୈଠକରେ ଉପସ୍ଥାପନ କରିଥିଲେ। ଯାହା ଉପରେ ଗୁରୁତ୍ୱ ଦେଇ ଯଥା ଶୀଘ୍ର ସମାଧାନ ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଟ୍ରମ୍ପଙ୍କ ଶୁଳ୍କ ...

ରାଜ୍ୟଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ନୂତନ ଶୁଳ୍କ ଫେବୃଆରୀରେ ସୁପ୍ରିମକୋର୍ଟ ଦ୍ୱାରା ପ୍ରତ୍ୟାହାର କରାଯାଇଥିବା ଆମଦାନୀ କରକୁ ବଦଳାଇବା ପାଇଁ ଏକ ବାହାନା। ଜୁଲାଇ ମାସରେ ଆମେରିକା ୫୯ଟି ଦେଶ ଏବଂ ୟୁରୋପୀୟ ସଂଘ ଉପରେ ଦୁଇ ଅଙ୍କ ବିଶିଷ୍ଟ ଶୁଳ୍କ ଲାଗୁ କରିଥିଲା। ବାଧ୍ୟତାମୂଳକ ଶ୍ରମ ବ୍ୟବହାର କରି ଉତ୍ପାଦିତ ଆମଦାନୀ ବିରୁଦ୍ଧରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ଏହି ଶୁଳ୍କ ଲାଗୁ କରାଯାଇଥିଲା। ପ୍ରକୃତରେ, ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ ଆଇଇଇପିଏ ଶୁଳ୍କକୁ ଅନୁମୋଦନ କରେ ନାହିଁ। ଏହି ନିଷ୍ପତ୍ତି ପରେ, ପ୍ରଶାସନକୁ ଶୁଳ୍କ ପ୍ରଦାନ କରିଥିବା ଆମଦାନୀକାରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ପଡିଲା। ତା’ପରେ ଟ୍ରମ୍ପ ରାଜସ୍ୱ କ୍ଷତିର କ୍ଷତିପୂରଣ ପାଇଁ ଅସ୍ଥାୟୀ ଭାବରେ ୧୦ ପ୍ରତିଶତ ବିଶ୍ୱ ଶୁଳ୍କ ଲାଗୁ କରିଥିଲେ। ଏହି ଶୁଳ୍କଗୁଡ଼ିକର ମିଆଦ ଜୁଲାଇ ୨୪ରେ ଶେଷ ହୋଇଥିଲା। ବର୍ତ୍ତମାନ, ଟ୍ରମ୍ପ ୧୯୭୪ର ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ଅଧିକ ସ୍ଥାୟୀ ଶୁଳ୍କ ଲାଗୁ କରୁଛନ୍ତି। ଏହି ଧାରା ରାଷ୍ଟ୍ରପତିଙ୍କୁ ଅନୁଚିତ ବାଣିଜ୍ୟ ଅଭ୍ୟାସରେ ଲିପ୍ତ ଦେଶଗୁଡ଼ିକ ବିରୁଦ୍ଧରେ ଆମଦାନୀ ଶୁଳ୍କ ଲାଗୁ କରିବାକୁ ଅନୁମତି ଦିଏ। ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ଚୀନ୍ ଉପରେ ବଡ଼ ଶୁଳ୍କ ଲାଗୁ କରିବା ପାଇଁ ଧାରା ୩୦୧ ବ୍ୟବହାର କରିଥିଲେ ଏବଂ ସେମାନେ କୋର୍ଟ ଚ୍ୟାଲେଞ୍ଜରୁ ବଞ୍ଚିତ ହୋଇଥିଲେ।

## ଖୁବ୍‌ଶୀଘ୍ର ଏକାଧିକ ...

ଯାହାର ସମ୍ପୃକ୍ତି ଆସିବ ସେ ହାଜର ହେବାକୁ ବାଧ୍ୟ। ତଦନ୍ତ ବେଳେ କିଏ ସାକ୍ଷୀ, କିଏ ସନ୍ଦିଗ୍ଧ, କିଏ ଅଭିଯୁକ୍ତ ତାହା ପ୍ରମାଣ କହିବ। ତଦନ୍ତ ବେଳେ ଯାହାଙ୍କୁ ନୋଟିସ କରାଯିବ ସେମାନେ ଏଡ଼ାଇ ଯାଇପାରିବେନି। ଆବଶ୍ୟକ ଅନୁସାରେ ପର୍ଯ୍ୟାୟକ୍ରମେ ଜଣ ଜଣଙ୍କୁ ନୋଟିସ ଦିଆଯିବ। ଖୁବଶୀଘ୍ର ସାମ୍ନାକୁ ଆସିବ କିଏ ହେବ ସାକ୍ଷୀ କିଏ ଅଭିଯୁକ୍ତ। ଅନ୍ୟପକ୍ଷରେ ପାଠ୍ୟପୁସ୍ତକ ଛପା ଦୁର୍ନୀତି ମାମଲାରେ ପ୍ରାୟ ୨୪୦ ଜଣଙ୍କର ତାଲିକା ହୋଇଛି ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି।

# ବନ୍ୟା ମୁକାବିଲା ପାଇଁ କମିଛି କେନ୍ଦ୍ରୀୟ ଅନୁଦାନ : ବିଜେଡି

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବନ୍ୟାର ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ତରଫରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି। କିନ୍ତୁ, ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ, ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ। ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି କହିଛି। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢିବା ପରିବର୍ତ୍ତେ କମିଛି। ଡ଼ ମହାନ୍ତି କହିଥିଲେ ଯେ, ପ୍ରମୁଖ ବିକାଶମୂଳକ ଯୋଜନାଗୁଡ଼ିକରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩-୨୪ରେ ୨୧,୫୦୦ କୋଟିରୁ ୨୦୨୪-୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୨ ବର୍ଷ ମଧ୍ୟରେ ପ୍ରାୟ ୪,୫୦୦ କୋଟି ବା ୧୮.୧୯ ପ୍ରତିଶତ ହ୍ରାସ ପାଇଛି। ଏହାର ସିଧାସଳଖ ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ପଡ଼ିବ। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି, ଅର୍ଥାତ୍ ପ୍ରାୟ ୩,୫୦୦ କୋଟି ହ୍ରାସ ଘଟିଛି। ସେହିପରି ସହାରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୨୯୫ କୋଟି ହ୍ରାସ ପାଇଛି। ଯେଉଁ ସରକାର ଗରିବଙ୍କୁ ଘର ଦେବାର କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ତାର ଉତ୍ତର ଦେବାର ଆବଶ୍ୟକତା ରହିଛି। ଅନୁରୂପ ଭାବେ ଜଳ ଜୀବନ ମିଶନ୍‌ରେ ମଧ୍ୟ ଓଡ଼ିଶାକୁ ମିଳୁଥିବା ଅନୁଦାନ ୧,୫୮୧ କୋଟିରୁ ୩୬୮ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୧,୨୦୦ କୋଟିରୁ ଅଧିକ ହ୍ରାସ।

# ରୁଫଟପ୍ ସୋଲାର ସଚେତନତାକୁ ପ୍ରତ୍ୟେକ ଘର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଖୋର୍ଦ୍ଧାରେ ପହଞ୍ଚିଲା ସୋଲାର ରଥ ଅଭିଯାନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା, ଏହାର ପ୍ରସାର କରିବା ଏବଂ ରୁଫଟପ୍ ସୋଲାର ସିଷ୍ଟମ୍ ଆପଣାଇବାକୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସୋଲାର ରଥ ର ଶୁଭାରମ୍ଭ କରିଛି।

ଏହି ସୋଲାର ରଥକୁ ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଉପଭୋକ୍ତା ସୁରକ୍ଷା ଅଧିକାରୀ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ଖୋର୍ଦ୍ଧା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଟିପିସିଓଡିଏଲର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପଭୋକ୍ତା ମାନଙ୍କୁ ରୁଫଟପ୍ ସୋଲାରର ଲାଭ, ମିଳୁଥିବା ସବସିଡି ଏବଂ ରୁଫଟପ୍ ସୋଲାର ସ୍ଥାପନା ପ୍ରକ୍ରିୟା ବିଷୟରେ ଶିକ୍ଷିତ କରିବା ପାଇଁ ଏହି ସୋଲାର ରଥ ସମଗ୍ର ଖୋର୍ଦ୍ଧା ଜିଲ୍ଲା ପରିକ୍ରମା କରିବ। ପରିବାରଗୁଡ଼ିକ ସହିତ ଆଲୋଚନା କରିବା, ଉପଭୋକ୍ତାଙ୍କ ପ୍ରଶ୍ନର ଉତ୍ତର ଦେବା ଏବଂ ସ୍ୱଚ୍ଛ ଓ ସୁଲଭ ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ତାଲିମପ୍ରାପ୍ତ ସୋଲାର ସାଙ୍ଗ ଏହି ସୋଲାର ରଥ ସହିତ ଯାତ୍ରା କରୁଛନ୍ତି।

ଏହି ପଦକ୍ଷେପ ବିଷୟରେ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି ଯେ, ‘ସୋଲାର ରଥ ଅଭିଯାନ ରୁଫଟପ୍ ସୋଲାର ବିଷୟରେ ସଚେତନତା ସୃଷ୍ଟି କରିବାରେ ଏବଂ ଅଧିକରୁ ଅଧିକ ପରିବାରକୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାର ଲାଭ ଉଠାଇବା ପାଇଁ ଉତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ୧୦,୦୦୦ରୁ ଅଧିକ ରୁଫଟପ୍ ସୋଲାର ଇନଷ୍ଟଲେସନ କରିବାରେ ଓଡ଼ିଶାର ପ୍ରଥମ ଜିଲ୍ଲା ଭାବରେ ଖୋର୍ଦ୍ଧା ସ୍ୱଚ୍ଛ ଶକ୍ତି ଆପଣାଇବାରେ ଏକ ମାନଦଣ୍ଡ ସ୍ଥାପନ କରିଛି। ଏହି ପଦକ୍ଷେପ ଇନଷ୍ଟଲେସନ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ଏବଂ ରାଜ୍ୟର ସୌର ପରିବର୍ତ୍ତନରେ ଜିଲ୍ଲାର ନେତୃତ୍ୱକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।’

ଜ୍ୟୋତି ଶଙ୍କର ସାହୁ କହିଛନ୍ତି ଯେ, ‘ସୋଲାର ରଥ ଅଭିଯାନ ରୁଫଟପ୍ ସୋଲାର ବିଷୟରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବ ଏବଂ ଅଧିକରୁ ଅଧିକ ପରିବାରକୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାରୁ ଲାଭବାନ ହେବା ପାଇଁ ଉତ୍ସାହିତ କରିବ। ଏହି ପଦକ୍ଷେପ ମାଧ୍ୟମରେ ସୋଲାର ରଥ ଜିଲ୍ଲାର ସମସ୍ତ ଗ୍ରାମପଞ୍ଚାୟତ ଏବଂ ବ୍ଲକରେ ପହଞ୍ଚି ବ୍ୟାପକ ସଚେତନତା ସୃଷ୍ଟି କରିବ ଏବଂ ରୁଫଟପ୍ ସୋଲାରର ବ୍ୟବହାରକୁ ଆହୁରି ବୃଦ୍ଧି କରିବ।’

ସୋଲାର ରଥ ଅଭିଯାନର ଶୁଭାରମ୍ଭ ଅବସରରେ ଟିପିସିଓଡିଏଲର ସିଇଓ ଗଜାନନ ଏସ. କାଲେ କହିଛନ୍ତି ଯେ, ‘ସୋଲାର ରଥ ଅଭିଯାନ ଉପଭୋକ୍ତାମାନଙ୍କ ପାଖକୁ ସିଧାସଳଖ ତଥ୍ୟ ଓ ସଚେତନତା ପହଞ୍ଚାଉଛି, ଯାହା ସେମାନଙ୍କୁ ରୁଫଟପ୍ ସୋଲାର ବିଷୟରେ ସଠିକ୍ ନିଷ୍ପତ୍ତି ନେବାରେ ସମର୍ଥ କରୁଛି। ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଏବଂ ଅଧିକରୁ ଅଧିକ ପରିବାରକୁ ସୁଲଭ ଓ ଦୀର୍ଘସ୍ଥାୟୀ ବିଦ୍ୟୁତର ଲାଭ ପହଞ୍ଚାଇ ସଶକ୍ତ କରିବା।’ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ରେ ଅଧିକ ସହଭାଗିତାକୁ ଉତ୍ସାହିତ କରିବା ଏବଂ ଓଡ଼ିଶାକୁ ଏକ ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶକ୍ତି ଭବିଷ୍ୟତ ଆଡ଼କୁ ନେବାରେ ସାହାଯ୍ୟ କରିବା ପାଇଁ ଟିପିସିଓଡିଏଲ୍ ନିଜର ସେବାଯୋଗାଣ ଅଞ୍ଚଳଗୁଡ଼ିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି।

### ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ

# ଯୋଗଦେବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ୨୦୨୬ରେ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଏହି କ୍ରମରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଅନୁଷ୍ଠିତ ହେବ। ଏଥିସହିତ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକଗୁଡ଼ିକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଶିକ୍ଷା ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ଏହି ବୈଠକଗୁଡ଼ିକରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା (ଇସିସିଇ)କୁ ସୁଦୃଢ଼ କରିବା ଏବଂ ବ୍ରିକ୍ସ ଟିଭିଇଟି ସହଯୋଗ ସଂଘ (ଟିସିଏ) ଅଧୀନରେ ଦକ୍ଷତା ବିକାଶ ଏବଂ ବର୍ଦ୍ଧିତ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା ହେବ। ସେହିପରି ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍‌ସକୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋସ ଚିହ୍ନଟ (ଏମଆରକ୍ୟୁ)କୁ ସୁଦୃଢ଼ କରିବା ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାରବିମର୍ଶ କରାଯିବ। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ‘‘ଦୀର୍ଘସ୍ଥାୟିତ୍ୱ, ଉଦ୍ଭାବନ, ସହଯୋଗ ଓ ସ୍ଥିରତା ପାଇଁ ଆଗକୁ ବଢ଼ିବା’’ ର ବାର୍ତ୍ତା ଦ୍ୱାରା ପରିଚାଳିତ। ଏହା ରିଓ ଡି ଜେନେରିଓରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରତିପାଦିତ ଲୋକ-କୈନ୍ଦ୍ରିକ ଏବଂ ମାନବତା-ପ୍ରଥମ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଭାରତ ଅଧ୍ୟକ୍ଷତାରେ ବ୍ରିକ୍ସ ଶିକ୍ଷା ଟ୍ରାକ ଅଧୀନରେ ଅନୁଷ୍ଠିତ ବିଭିନ୍ନ ଆଲୋଚନା ଉପରେ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଏବଂ ତୃତୀୟ ବରିଷ୍ଠ ଅଧିକାରୀଙ୍କ ବୈଠକ ଆଧାରିତ ହେବ। ପ୍ରଥମ ଏବଂ ଦ୍ୱିତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ପୂର୍ବରୁ ୭ ଏବଂ ୨୮ ଏପ୍ରିଲ ୨୦୨୬ରେ ଅନୁଷ୍ଠିତ ହୋଇଥିଲା। ଏହା ପରେ ୨୦-୨୧ ଜୁଲାଇ ୨୦୨୬ରେ ବ୍ରିକ୍ସ ନେଟୱାର୍କ ବିଶ୍ୱବିଦ୍ୟାଳୟ ସମ୍ମିଳନୀ ଏବଂ ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ବିଚାରବିମର୍ଶକୁ ଆଗକୁ ବଢ଼ାଇବା ଏବଂ ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ପ୍ରାଥମିକତା କ୍ଷେତ୍ର ତଥା ପ୍ରସ୍ତାବିତ ଫଳାଫଳ ଉପରେ ସହମତି ଆଣିବାରେ ପୂର୍ବ ଆଲୋଚନାଗୁଡ଼ିକ ଫଳପ୍ରଦ ସାବ୍ୟସ୍ତ ହୋଇଛି। ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ପୂର୍ବରୁ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ନେତୃତ୍ୱରେ ୩ ଓ ୪ ଅଗଷ୍ଟରେ ନୂଆଦିଲ୍ଲୀରେ ବ୍ରିକ୍ସ ଟିଭିଇଟି ସିମ୍ପୋଜିୟମ ଏବଂ ବ୍ରିକ୍ସ ଟିଭିଇଟି ସହଯୋଗ ମେଣ୍ଟର ଯୁଗ୍ମ ପରିଚାଳନା କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ହୋଇଥିବା ଆଲୋଚନା ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଏବଂ ତାଲିମ, ଦକ୍ଷତା ବିକାଶ ଏବଂ କର୍ମଶକ୍ତି ପ୍ରସ୍ତୁତିରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଆଧାରିତ ଥିଲା। ଏହା ମଧ୍ୟ ପ୍ରାଥମିକତା ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଗବେଷଣା ଏବଂ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଏକୀକୃତ ଓ ବିନିମୟ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଏହି ଉଚ୍ଚସ୍ତରୀୟ ଆନ୍ତଃ-ସରକାରୀ ଆଲୋଚନା ସହିତ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଯୁବ ଅଂଶଗ୍ରହଣ ଏବଂ ନାଗରିକଙ୍କ ମଧ୍ୟରେ ସମ୍ପର୍କର ଆଦାନପ୍ରଦାନ ଉପରେ ଦୃଢ଼ ଗୁରୁତ୍ୱ ଦେଉଛି। ଏହି ଭାବନାକୁ ନେଇ ମଡେଲ ବ୍ରିକ୍ସକୁ ସାରା ଭାରତରେ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆୟୋଜିତ ହେବାକୁ ଥିବା ଏକ ଛାତ୍ର-କେନ୍ଦ୍ରିକ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି। ଏହି ପଦକ୍ଷେପ ଯୁବ ନାଗରିକମାନଙ୍କୁ ବ୍ରିକ୍ସ ପ୍ରକ୍ରିୟା ସହ ପରିଚିତ କରାଇବା ସହିତ କୂଟନୀତି, ବହୁପାକ୍ଷିକ ସହଯୋଗ ଏବଂ ସହମତି-ନିର୍ମାଣ ବିଷୟରେ ସେମାନଙ୍କର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

